ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.239 Bhubaneswar Friday November 11 2022 | ୨୫ତମ ବର୍ଷ ସଂଖ୍ୟା–୨୩୯ ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS


# ଭାରତକୁ ସୁସମୃଦ୍ଧ କରିବାର ଅଭିଯାନ ଓଡିଶାରୁ ଆରମ୍ଭ ହେଉ: ରାଷ୍ଟ୍ରପତି




ଭୁବନେଶ୍ୱର,୧୦।୧୧(ପି.ଏନ): ରାଜ୍ୟଗୁଡିକର ବିକାଶରେ ହିଁ ସମଗ୍ର ଭାରତର ବିକାଶ ନିହିତ । ସମୃଦ୍ଧ ଭାରତକୁ ସୁସମୃଦ୍ଧ କରିବାର ଅଭିଯାନ ଓଡିଶାରୁ ଆରମ୍ଭ ହେଉ ଓ ଏହା ମୋର ଆନ୍ତରିକ ଇଚ୍ଛା, ଆଉ ଏ ମାଟିର ଝିଅ ଭାବେ ଓଡିଶା ବିଷୟରେ ସେ ବି ଏଭଳି ଅନେକ ସ୍ୱପ୍ନ ଦେଖନ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ରାଷ୍ଟ୍ରପତି ହେବା ପରେ ପ୍ରଥମଥର ପାଇଁ ନିଜ ଗୃହ ରାଜ୍ୟକୁ ଦୁଇଦିନିଆ ସରକାରୀ ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଜି ସନ୍ଧ୍ୟାରେ ରାଜଭବନ ପରିସରରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ଅବସରରେ ସେ ଏହା କହିଛନ୍ତି ।ଆଜି ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ବିକ୍ରମକେଶରୀ ଆରୁଖଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ଉପସ୍ଥିତିରେ ରାଷ୍ଟ୍ରପତିଙ୍କ ସମ୍ମାନରେ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ଏହି ଅବସରରେ ଶ୍ରୀମତୀ ମୁର୍ମୁ କହଛନ୍ତି ଯେ, ସେ ଆଜି ସକାଳେ ପୁରୀ ଯାଇ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିଛନ୍ତି । ରାଷ୍ଟ୍ରପତି ହେବା ପରେ ନିଜ ମାଟିକୁ ଏହା ପ୍ରଥମ ଆଗମନ । ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ସ୍ନେହ ଓ ଶ୍ରଦ୍ଧାରେ ଅଭିଭୂତ । ସେ କହିଛନ୍ତି ଯେ, ଓଡିଶାର ଗୌରବମୟ ଇତିହାସ ଓ ସଂସ୍କୃତି ଭାରତ ସାଂସ୍କୃତିକ ବିବିଧତା, ଏକତା ଓ ବ୍ୟାପକତାକୁ ଅଧିକ ବ୍ୟାପକ କରିଛି । ଓଡିଶାକୁ ପ୍ରକୃତିର ଅଭିନବ ବରଦାନ ମିଳିଛି ।ଓଡିଶାର ସୁଦୀର୍ଘ ସମୁଦ୍ର ଉପକୂଳ ସହ ଖଣିଜ, ବନ ଓ ଜଳ ସମ୍ବଳରେ ସମୃଦ୍ଧ ରାଜ୍ୟ । ଓଡିଶାର ନଦୀଗୁଡିକ ମଧ୍ୟ ସମୃଦ୍ଧ । ଓଡିଶା ନିଜର ମାନବ ସମ୍ବଳ ପାଇଁ ସମଗ୍ର ବିଶ୍ୱରେ ପରିଚିତ । ଯଦି ପ୍ରକୃତିର ସମ୍ବଳକୁ ସଠିକ୍ ଉପଯୋଗ କରାଯାଏ ତା'ହେଲେ ଓଡିଶା ସମଗ୍ର ଭାରତର ଏକ ବିକଶିତ ରାଜ୍ୟ ହୋଇପାରିବ । ବିଜ୍ଞାନ ଆଧାରରେ ନିର୍ମିତ ଓଡିଶାର ଅନେକ ମନ୍ଦିର ଭାରତୀୟ ସଂସ୍କୃତି ଓ ସଭ୍ୟତାକୁ ନୂଆ ଦିଗ ଦେଇଛି । ଆମେ ସମସ୍ତେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛୁ । ଆଉ ୨୫ବର୍ଷ ପରେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବା । ସେହିପରି ଓଡିଶା ଆଉ ୧୪ବର୍ଷ ପରେ ନୂଆ ପ୍ରଦେଶ ଗଠନର ଶତାବ୍ଦୀ ପାଳନ କରିବ । ଏହି ସମୟ ଉଭୟ ଭାରତ ଓ ଓଡିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତକୁ ଏକ ବିକଶିତ ଦେଶ ଗଠନ କରିବା ପାଇଁ ସମସ୍ତଙ୍କ ସାମୁହିକ ପ୍ରୟାସର ଆବଶ୍ୟକତା ରହିଛି । ବିକାଶର ଲାଭ ସମାଜର ସବୁବର୍ଗର ଲୋକଙ୍କ ପାଖରେ ପହଂଚିବା ଜରୁରୀ। ଭାରତରେ ଅନେକ ଜାତି, ଧର୍ମ ଓ ବର୍ଗର ଏକ ବିବିଧତାପୂର୍ଣ୍ଣ ସମାବେଶ ରହିଛି । ଯଦି ସମାଜର ଦୁର୍ବଳ ବର୍ଗଙ୍କ ଜୀବନସ୍ତରରେ ସୁଧାର ଆସିବ ନାହିଁ ତାହେଲେ କୌଣସି ଦେଶ ବା ସମାଜ ସମ୍ପୂର୍ଣ୍ଣ ବିକଶିତ ବୋଲି କୁହାଯାଇ ନପାରେ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।ଏହା ପୂର୍ବରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଜଧାନୀ ଭୁବନେଶ୍ୱରରେ ଥିବା ବିଭିନ୍ନ ପ୍ରତିଷ୍ଠିତ ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୁରୀରୁ ଭୁବନେଶ୍ୱର ବିମାନ ବନ୍ଦର ଫେରିବା ପରେ ସେଠାରେ ଲୋକନୃତ୍ୟ ଓ ପାରମ୍ପରିକ ବାଦ୍ୟ ସହ ଶଙ୍ଖ ଧ୍ୱନିରେ ତାଙ୍କୁ ସାଧାରଣ ଲୋକେ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଥମେ ରାଜ୍ୟ ସଂଗ୍ରହାଳୟ ଛକଠାରେ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଗୋପବନ୍ଧୁ ଛକଠାରେ ପଣ୍ଡିତ ଗୋପବନ୍ଧୁ ଦାସ, ପାୱାର ହାଉସ ଛକଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, କଳିଙ୍ଗ ହସ୍ପିଟାଲ ଛକଠାରେ ସ୍ୱଭାବ କବି ଗଙ୍ଗାଧର ମେହେର ଓ ଶହୀଦ ଲକ୍ଷ୍ମଣ ନାଏକ, ମୈତ୍ରୀ ବିହାରଠାରେ ଭଗବାନ ବିର୍ସା ମୁଣ୍ଡା ଓ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସେଠାରେ ଜନଜାତିଙ୍କ ପୂଜ୍ୟଦେବତା ମାରାଗଂ ବୁରୁଙ୍କୁ ପ୍ରାର୍ଥନା ପୂର୍ବକ ପ୍ରଣିପାତ କରିଥିଲେ । ଏହି ସମୟରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ, ରାଜ୍ୟ ମନ୍ତ୍ରୀ ଅଶୋକ ପଣ୍ଡା ଓ ଅନ୍ୟା ପ୍ରତିଷ୍ଠିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଜି ସକାଳେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ସେଠାରେ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ରାଷ୍ଟ୍ରପତି ସେଠାରୁ ବିମାନ ଯୋଗେ ସିଧାସଳଖ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରି ଭୁବନେଶ୍ୱର ଫେରିଥିଲେ । ରାଷ୍ଟ୍ରପତି ଆସନ୍ତାକାଲି ସକାଳେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଅପରାହ୍ନରେ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି ।

## ଏଏସ୍‌ଓ ପରୀକ୍ଷା ଫଳ ବିଭ୍ରାଟ ନେଇ ପରୀକ୍ଷାର୍ଥୀଙ୍କ ଅଭିଯୋଗ,ସ୍ପଷ୍ଟୀକରଣ ଦେଲା ଓପିଏସ୍‌ସି

ଭୁବନେଶ୍ୱର,୧୦।୧୧(ପି.ଏନ): ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସଓ) ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ଆସିବାର ପ୍ରାୟ ୩ ଦିନ ପରେ ଓଡିଶା ଲୋକସେବା ଆୟୋଗ(ଓପିଏସସି) କର୍ତ୍ତୃପକ୍ଷ ଆଜି ଲିଖିତ ସ୍ପଷ୍ଟୀକରଣ ରଖିବା ସହ ସମସ୍ତ ଅଭିଯୋଗକୁ ଭିତ୍ତିହୀନ ଓ ମିଥ୍ୟା କହି ଫାଙ୍କି ଦେଇଛନ୍ତି ।ଆଜି ଏକ ପ୍ରେସ୍ ନୋଟ ଜାରି କରି ଓପିଏସସି କର୍ତ୍ତୃପକ୍ଷ କହିଛନ୍ତି ଯେ, ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସଓ) ପରୀକ୍ଷାରେ ଅନିୟମିତତା ହୋଇଥିବା ଓ ଅନୁପସ୍ଥିତ ଥିବା ପ୍ରାର୍ଥୀଙ୍କ ନାଁ ବି ପରୀକ୍ଷା ଫଳରେ ରହିଥିବା ନେଇ ଆଗଧାଡିର ଗଣମାଧ୍ୟମ ଓ ସୋସିଆଲ ମିଡିଆ ମାଧ୍ୟମରେ କିଛି ପ୍ରାର୍ଥୀ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଥ୍ୟା । ଓପିଏସସିଙ୍କ ପ୍ରଚଳିତ ନୀତି ଅନୁସାରେ ଚୂଡାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ହିଁ କମିଶନ ସମସ୍ତ ଉତ୍ତର ଖାତା, କଟଅଫ ମାର୍କ ଓ ବ୍ୟକ୍ତିଗତ ପ୍ରାର୍ଥୀଙ୍କ ମାର୍କ ଆଦି କମିଶନଙ୍କ ୱେବସାଇଟରେ ଉପଲବ୍ଧ ହେବ । ଏହି ନିୟମ ମଧ୍ୟ ଓଡିଶା ପ୍ରଶାସନିକ ସେବା ପରୀକ୍ଷା ଓ ୟୁପିଏସସି ପରୀକ୍ଷାରେ ଅବଲମ୍ବନ କରାଯାଇଥାଏ ।କମିଶନଙ୍କ ଦ୍ୱାରା ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ନିରପେକ୍ଷ ଓ ପାରଦର୍ଶିତାର ସହ ହୋଇଥାଏ । ଏଏସଓ ପରୀକ୍ଷାରେ ମଧ୍ୟ ସେହି ନୀତି ପାଳନ କରାଯାଇଛି । ମେରିଟ୍ ଆଧାରିତ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କମିଶନଙ୍କ ନିରପେକ୍ଷତାକୁ ଧୂମିଳ କରିବାକୁ ହେଉଥିବା ପ୍ରୟାସକୁ ଓପିଏସସି କର୍ତ୍ତୃପକ୍ଷ ଦୃଢ଼ ନିନ୍ଦା କରୁଛନ୍ତି ।କମିଶନ ତାଙ୍କ ସ୍ପଷ୍ଟୀକରଣରେ ଦର୍ଶାଇଛନ୍ତି ଯେ, ଏଏସଓ ପରୀକ୍ଷାରେ ମୋଟ ୧ଲକ୍ଷ ୪୮ହଜାର ୮୮୮ ପ୍ରାର୍ଥୀ ଲିଖିତ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୧୦୪ଜଣ ପ୍ରାର୍ଥୀଙ୍କୁ ଚୟନ କରାଯାଇଛି । ଏହା ମୋଟ ବିଜ୍ଞାପିତ ହୋଇଥିବା ପଦବୀ ୭୯୬ର ଦେ?ଗୁଣ ଅଟେ । ପ୍ରତ୍ୟେକ ପେପର ଓ ବିଭିନ୍ନ ବର୍ଗର ପ୍ରାର୍ଥୀଙ୍କ ନିମନ୍ତେ କଟଅଫ୍ ମାର୍କ ଚୂଡାନ୍ତ କରିବା କମିଶନଙ୍କ କ୍ଷମତା ପରିସର । ଏହି ଆଧାରରେ ସର୍ବନିମ୍ନ ମାର୍କ ସ୍ଥିର କରାଯାଇଛି ।ସୂଚନାଯୋଗ୍ୟ, ଗତ ସୋମବାର ଏଏସଓ ପରୀକ୍ଷା ଫଳ ପ୍ରକାଶ ପାଇବା ପରଠୁ ବହୁ ଚାକିରି ଆଶାୟୀ ପ୍ରାର୍ଥୀ ରାଜରାସ୍ତାକୁ ଓହ୍ଲାଇ ପରୀକ୍ଷା ପରିଚାଳନାରେ ଓପିଏସସି କର୍ତ୍ତୃପକ୍ଷ ବ୍ୟାପକ ଅନିୟମିତତା ଓ ଦୁର୍ନୀତି କରିଥିବା ନେଇ ଅଭିଯୋଗ କରିଥିଲେ ।

## ୯ଟି ବିଭାଗରେ ୧୩୦ ଜଣ ଓଏମଇଏସ୍ କ୍ୟାଡରର ଆସିଷ୍ଟାଂଟ ପ୍ରଫେସର ନିଯୁକ୍ତି ପାଇଁ ଅନୁମୋଦନ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୧୧(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନ ୯ ଗୋଟି ବ୍ରୋଡ ସ୍ପେଶାଲିଟି ବିଭାଗରେ ୧୩୦ ଜଣ ଓଡିଶା ମେଡିକାଲ ଶିକ୍ଷା ସେବା ସଂବର୍ଗର ସହକାରୀ ପ୍ରାଧ୍ୟାପକଙ୍କ ନିଯୁକ୍ତି ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି । ଏହି ଅନୁମୋଦନ ଓଡିଶା ଲୋକ ସେବା ଆୟୋଗଙ୍କ ସୁପାରିଶ କ୍ରମେ ହୋଇଅଛି । ଏଥି ପୂର୍ବରୁ ଚଳିତ ବର୍ଷ ସେପଟ୍ଟେମ୍ବର ଓ ଅକ୍ଟୋବର ମାସରେ ସାତ ଗୋଟି ବ୍ରୋଡ ସ୍ପେସିଆଲିଟି ବିଭାଗରେ ୬୫ ଜଣ ଓଡିଶା ମେଡିକାଲ ଶିକ୍ଷା ସେବା ସଂବର୍ଗର ସହକାରୀ ପ୍ରାଧ୍ୟାପକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ନିଯୁକ୍ତି ଦିଆଯାଇଥିଲା ।ଏହା ଫଳରେ ବର୍ଷ ୨୦୨୨ରେ ମୋଟ ୧୬ ଗୋଟି ବିଭାଗର ୧୯୫ ଜଣ ସହକାରୀ ପ୍ରାଧ୍ୟାପକ ନିଯୁକ୍ତି ପାଇଲେ । ଏହି ବିଭାଗ ଗୁଡିକ ହେଲା ଭେଷଜ, ଶାରୀରିକ ଭେଷଜ ଓ ଥଇଥାନ, ଶରୀର ଗଠନ, ଯକ୍ଷ୍ମା ଓ ଛାତି ରୋଗ, ଚକ୍ଷୁ ରୋଗ. ଶରୀର ତତ୍ତ୍ୱ,, ରକ୍ତ ସଂଚାଳନ ଭେଷଜ, ଶଲ୍ୟ ଚିକିତ୍ସା. ଶିଶୁରୋଗ, ଗୋଷ୍ଠି ଭେଷଜ. ପ୍ରସୁତି ଓ ସ୍ତ୍ରୀ ରୋଗ, ନିଦାନ, ଚର୍ମ ଓ ଯୌନ ରୋଗ, ନିଶ୍ଚେତକ, ଅଣୁଜୀବ ବିଜ୍ଞାନ ଏବଂ ନୀତି ତାତ୍ତ୍ୱିକ ଭେଷଜ ଓ ବିଶ୍ୱବିଜ୍ଞାନ ।

## ମାଣ୍ଡିଆର ପ୍ରସାର ପାଇଁ ଆହ୍ୱାନ ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର, ୧୦।୧୧(ପି.ଏନ): ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମାଣ୍ଡିଆର ପ୍ରସାର ପାଇଁ ଆହ୍ୱାନ ଜଣାଇଛନ୍ତି ।

ସେ କହିଛନ୍ତି ଯେ ଶରୀରର ପୁଷ୍ଟିସାଧନ ପାଇଁ ମାଣ୍ଡିଆ ଏକ ଉତ୍ତମ ଖାଦ୍ୟ।ଏହାର ପୁଷ୍ଟିକର ଉପାଦେୟ ଆମକୁ ସୁସ୍ଥ ରଖିଥାଏ। ଓଡ଼ିଶାର ଏହି ପୁଷ୍ଟି ଶସ୍ୟର ପ୍ରସାର ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି ।ମାଣ୍ଡିଆଦିବସରେ ଏହାକୁ ନିଜ ଖାଦ୍ୟରେ ସାମିଲ କରି ସୁସ୍ଥ ଜୀବନ ଗଠନ ଦିଗରେ ଆଗକୁ ବଢ଼ିବା ନିମନ୍ତେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଆହ୍ୱାନ ଦେଇଛନ୍ତି।

## ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୨.୫ ଡ଼ିଗ୍ରୀ

ଭୁବନେଶ୍ୱର,୧୦।୧୧(ପି.ଏନ): ଆଜି ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୨.୫ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ବୌଦ୍ଧରେ ୧୩.୫ ଡ଼ିଗ୍ରୀ ରହିଛି। ରାଜଧାନୀ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୦.୮ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୯.୦ ଡ଼ିଗ୍ରୀ ରେକର୍ଡ଼ କରାଯାଇଛି। ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୩୦.୪ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୯.୫ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।ସେହିପରି ରାତି ତାପମାତ୍ରା କୋରାପୁଟ ଜିଲ୍ଲା ସିମିଳିଗୁଡ଼ାରେ ୧୩.୧ ଡ଼ିଗ୍ରୀ, ବୌଦ୍ଧରେ ୧୩.୫, କୋରାପୁଟରେ ୧୩.୮, କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ୧୩.୮ ଡ଼ିଗ୍ରୀ ଏବଂ ଫୁଲବାଣୀରେ ୧୫.୫ ଡ଼ିଗ୍ରୀ ରେକର୍ଡ଼ ହୋଇଛି ।

## ଫୁଲବାଣୀ ସହରରେ ଘନ କୁହୁଡ଼ି ଦୃଶ୍ୟମାନ

ଭୁବନେଶ୍ୱର, ୧୦।୧୧(ପି.ଏନ): ଫୁଲବାଣୀ ସହରରେ ଘନ କୁହୁଡ଼ି ଦୃଶ୍ୟମାନ ହୋଇଛି । କନ୍ଧମାଳ ଜିଲ୍ଲା ଫୁଲବାଣୀରେ ୧୦୦ ମିଟର (ଘନ କୁହୁଡ଼ି), ବଲାଙ୍ଗିରରେ ୩୦୦ ମିଟର (ମଧ୍ୟମ ଧରଣର କୁହୁଡ଼ି), କଳାହାଣ୍ଡି ଜିଲ୍ଲା ଭାନୀପାଟଣାରେ ୭୦୦ ମିଟର (ହାଲୁକା କୁହୁଡ଼ି) ଏବଂ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ୭୦୦ ମିଟର (ହାଲୁକା କୁହୁଡ଼ି) ଦୃଶ୍ୟମାନ ହୋଇଛି ।

## ଫର୍ଚୁନ ସ୍ପିରିଟ ଲିମିଟେଡ଼ କମ୍ପାନୀ ସିଲ୍

ଗଞ୍ଜାମ, ୧୦।୧୧(ପି.ଏନ): ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଆଇ.ଡି.ବି.ଆଇ. ବ୍ୟାଙ୍କ ପକ୍ଷରୁ ଗୋପାଳପୁର ଥାନା ନାରାୟଣପୁର – ଆଳିପୁର ରାସ୍ତାରେ ଥିବା ଫର୍ଚୁନ ସ୍ପିରିଟ ଲିମିଟେଡ଼ କମ୍ପାନୀକୁ ସିଲ୍ କରାଯାଇଛି । ସରଫେସି ଆକ୍ଟ ୨୦୦୨ ଆଧାରରେ କନିସି ସହକାରୀ ତହସିଲଦାର କୁଳଦୀପ କୁମାର ମାଜିଷ୍ଟ୍ରେଟ ଦାୟୀତ୍ୱରେ ରହି ଏହାକୁ ସିଲ୍ କରିଛନ୍ତି । ସୂଚନା ଅନୁସାରେ, କମ୍ପାନୀର ମାଲିକ ରାଜେଶ ସାହୁ ୨୦୦୯ରୁ ମଦ ବଟଲିଂ ୟୁନିଟ୍ କରିଥିଲେ। ୨୦୧୫ ରେ ସେ ଆଇ.ଡି.ବି.ଆଇ. ବ୍ୟାଙ୍କରୁ ୧୨ କୋଟି ୧୬ ଲକ୍ଷ ୮୫ ହଜାର ୨୧୧ ଟଙ୍କା ଋଣ ନେଇଥିଲେ । ଋଣ ଅର୍ଥ ଓ ସୁଧ ମିଶାଇ ଏବେ ପ୍ରାୟ ୧୫ କୋଟି ଟଙ୍କାରେ ପହଂଚି ଥିଲା । ଅର୍ଥ ପୈଠ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ରାଜେଶଙ୍କୁ ବାରମ୍ବାର ନୋଟିସ୍ କରିଥିଲେ । ତେବେ ଋଣ ପରିଶୋଧ ନକରିବାରୁ ମାଜିଷ୍ଟ୍ରେଟ କୁଳଦୀପ କୁମାର, ଭୁବନେଶ୍ୱର ଆଇ.ଡି.ବି.ଆଇ. ମୁଖ୍ୟ ଶାଖାର ଅଧିକାରୀ, ଗୋପାଳପୁର ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ କମ୍ପାନୀକୁ ସିଲ୍ କରାଯାଇଛି।



ଗଜପତିଙ୍କ ସହ ତଳେ ବସି ଅବଢ଼ା ଖାଇଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

## ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି

ପୁରୀ, ୧୦।୧୧(ପି.ଏନ): ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୁରୀ ଗସ୍ତରେ ଆସି ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟା ୪୦ ମିନିଟ୍ ସମୟରେ ତାଳବଣିଆ ହେଲିପ୍ୟାଡରେ ପହଂଚିଥିଲେ । ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ସେ ସେଠାରେ ଅବତରଣ କରିବା ପରେ କାର୍ ଯୋଗେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ବଡ଼ଦାଣ୍ଡରେ ପ୍ରବେଶ କରି ସାଲବେଗ ପୀଠ ଠାରୁ କାରରୁ ଓହ୍ଲାଇ ଚାଲି ଚାଲି ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ । ଏହି ସମୟରେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଅପେକ୍ଷାରତ ହଜାର ହଜାର ସଂଖ୍ୟାରେ ଜନତା ତାଙ୍କୁ ସ୍ୱାଗତ କରିଥିଲେ । ସ୍କୁଲ ଛାତ୍ରଛାତ୍ରୀଙ୍କ ସହିତ ଫଟୋ ଉଠାଇଥିଲେ ରାଷ୍ଟ୍ରପତି । ପରେ ସିଂହଦ୍ୱାର ନିକଟରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲ୍ଲାପାଳ ସମର୍ଥ ବର୍ମା, ଏସପି କେ. ବିଶାଳ ସିଂହ ରାଷ୍ଟ୍ରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଏହାପରେ ରାଷ୍ଟ୍ରପତି ଦିନ ୧୨ଟା ୨୦ ରେ ସିଂହଦ୍ୱାର ସାମ୍ନାରେ ଅରୁଣ ସ୍ତମ୍ଭକୁ ମୁଣ୍ଡିଆ ମାରି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ତାଙ୍କ କୌଳିକ ପଣ୍ଡା ମନ୍ଦିର ଦର୍ଶନ କରାଇଥିଲେ । ରାଷ୍ଟ୍ରପତିଙ୍କ ପାଇଁ ୧୦୮ ତୁଳସୀ ଥିବା ୩ଟି ମାଳ ତିନି ଠାକୁରଙ୍କୁ ଲାଗି କରିଥିଲେ ପୂଜାପଣ୍ଡା



। ଦର୍ଶନ ପରେ ଗର୍ଭଗୃହରୁ ବେହରଣ ଦ୍ୱାର ଦେଇ ବାହାରି ମୁକ୍ତିମଣ୍ଡପ ନିକଟରେ ପହଂଚି ଥିଲେ ରାଷ୍ଟ୍ରପତି । ଏହାପରେ ମା ବିମଳା ମନ୍ଦିର, ମହାଲକ୍ଷ୍ମୀଙ୍କ ମନ୍ଦିର ଦର୍ଶନ ଓ ବେଢ଼ା ପରିକ୍ରମା କରି ସିଂହଦ୍ୱାରରେ ୧୨ଟା ୫୮ରେ ପ୍ରସ୍ଥାନ କରିଥିଲେ । ସିଂହଦ୍ୱାରରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଗୋପବନ୍ଧୁଙ୍କ ନିକଟରେ ଥିବା ସ୍ୱତନ୍ତ୍ର ରେଷ୍ଟ ରୁମ୍ ରେ କିଛି ସମୟ ବିଶ୍ରାମ ନେଇଥିଲେ । ଦର୍ଶନ ପରେ ପୁରୀ ରାଜଭବନରେ କିଛି ସମୟ ରହଣି କରିବା ସହ ସେଠାରେ ମହାପ୍ରସାଦ ସେବନ କରିଥିଲେ । ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ରାଷ୍ଟ୍ରପତି ତାଳବଣିଆ ହେଲିପ୍ୟାଡ଼ରୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ କେତେକ ସ୍ଥାନରେ ବ୍ୟାରିକେଡ୍ କରାଯାଇଥିଲା । ତାଳବଣିଆ ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ଛକରେ ପୋଲିସ ମୁତୟନ ହୋଇଥିଲେ। ଜିଲ୍ଲାପାଳ ସମର୍ଥ ବର୍ମା, ଏସପି କେ. ବିଶାଳ ସିଂହ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ ।

## ତିନି ଦିନରେ ଝାଡାବାନ୍ତିରେ ଗଲାଣି ଦୁଇ ଜୀବନ !

କଲ୍ୟାଣସିଂହପୁର,୧୦।୧୧(ପି.ଏନ): ତିନି ଦିନରେ ଝାଡାବାନ୍ତିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅନେକ ଆକ୍ରାନ୍ତ ହୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଏପରି ଅଭିଯୋଗ ରାୟଗଡା ସଦର ବ୍ଲକ ଅଞ୍ଚଳରୁ। ଏନେଇ ଖବର ପ୍ରକାଶ ପାଇବା ପରେ ଗାଁରେ ପହଞ୍ଚିଛି ମେଡିକାଲ୍ ଟିମ୍। ପିତାମହଲ ପଞ୍ଚାୟତ କନ୍ଧଖିଲମ ଗାଁରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗତ ୩ ଦିନରେ ଝାଡାବାନ୍ତିରେ ଏହି ଗାଁରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି।

## ପ୍ରକାଶ ପାଇଲା ପଦ୍ମପୁର ଉପନିର୍ବାଚନ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୧୦।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନ ପାଇଁ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ପଦ୍ମପୁରର ଉପ ଜିଲ୍ଲାପାଳ ତଥା ରିଟର୍ନିଂ ଅଫିସର ଏହି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ବିଜ୍ଞପ୍ତି ଅନୁଯାୟୀ ପଦ୍ମପୁରରେ ଡିସେମ୍ବର ୫ରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ଏଥିପାଇଁ ନଭେମ୍ବର ୧୭ ସୁଦ୍ଧା ନାମାଙ୍କନପତ୍ର ଦାଖଲ, ନଭେମ୍ବର ୧୮ରେ ପ୍ରାର୍ଥିପତ୍ର ଯାଂଚ , ନଭେମ୍ବର ୨୧ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ। ଆଗାମୀ ଡିସେମ୍ବର ୫ ତାରିଖରେ ପଦ୍ମପୁର ଉପନିର୍ବାଚନ ଲାଗି ଭୋଟ୍ ଗ୍ରହଣ ହେବ। ଡିସେମ୍ବର ୮ରେ ଭୋଟ୍ ଗଣତି ଓ ଡିସେମ୍ବର ୧୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ।ସୂଚନାଯୋଗ୍ୟ, ପଦ୍ମପୁର ବିଧାୟକ ବିଜୟ ରଂଜନ ସିଂହ ବରିହାଙ୍କର ଗତ ମାସ ୩ତାରିଖରେ ପରଲୋକ ହେବା ପରେ ଏହି ଆସନ ଖାଲି ରହିଛି। ଗତ ଶନିବାର ଦିନ ଭାରତୀୟ ନିର୍ବାଚନ କମିଶନ ପଦ୍ମପୁର ଉପନିର୍ବାଚନ ତାରିଖ ଘୋଷଣା କରିଥିଲେ।

## ବାଲିଖାଦାନ ଓ ପଥର ଖଣିମୋହ ଛାଡ଼ି ଯିବାକୁ ଚାହୁଁନାହାନ୍ତି ତହସିଲଦାର

ଭୁବନ, ୧୦।୧୧(ପି.ଏନ): ଭୁବନ ତହସିଲଦାର ଡ.ରୋଜାଲିନ ବେହେରା ଏଠାରେ ଯୋଗଦେବା ପରଠାରୁ ତହସିଲରେ ଦୁର୍ନୀତି, ପ୍ରିୟାପ୍ରୀତି, ଅନୀୟମିତତା ଓ ସ୍ୱେଚ୍ଛାଚାରିତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତହସିଲ କର୍ମଚାରୀମାନଙ୍କୁ ମଧ୍ୟ ଦୁର୍ନୀତିଖୋର କରିସାରିଲେଣି ବୋଲି ହାଟବଜାରରେ ଚର୍ଚ୍ଚାହେଉଛି। ତହସିଲଦାର ସୁଶ୍ରୀ ରୋଜାଲିନଙ୍କର ଗତ ଅକ୍ଟୋବର ମାସରେ ଓଡ଼ିଶା ସରକାର ପଂଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ଚିଠି ନଂ.- ୧୯୮୩୧ ତା୧୮.୧୦.୨୦୨୨ରେ ବଦଳି ଆଦେଶ ବାହାରିଥିଲା। ଇତିମଧ୍ୟରେ ତିନିସପ୍ତାହ ବିତି ଯାଇଥିବାବେଳେ ତହସିଲଦାର ଭୁବନ ଛାଡୁନାହାନ୍ତି କି ଭୁବନର ବାଲିଖାଦାନ, ପଥର ଖଣିଛାଡ଼ି ଯିବାକୁ ଚାହୁଁନାହାନ୍ତି। ତହସିଲଦାରଙ୍କର ମୁଖ୍ୟତଃ ଏହି ଦୁଇଟି ବେପାରରୁ ପ୍ରବଳ ଆୟ ହେଉଛି ବୋଲି କୁହାଯାଉଛି। ଲଘୁଖଣିଜ ଦ୍ରବ୍ୟ କାରବାରରେ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର ହେଉଥିବାରୁ ସେ ମହାଶୟା ଭୁବନ ଛାଡ଼ି ଯିବାକୁ ଚାହୁଁ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ବାଲି ନିଲାମଧାରୀମାନେ ସେମାନେ ନେଇଥିବା ଲିଜ୍ ସୀମାରୁ ବାଲି ଶେଷକରି ଅଧିକ ଦୁଇତିନି କି.ମି. ବ୍ୟାସାର୍ଦ୍ଧରୁ ବେଆଇନ ଭାବେ ମେସିନ ଜରିଆରେ ବାଲି ଉତୋଳନ କରି ପଡ଼ୋଶୀ ଯାଜପୁର ଜିଲ୍ଲାକୁ ହାଇୱା ଗାଡ଼ି ଯୋଗେ ଦୈନିକ ଶତାଧିକ ଟ୍ରିପ୍ ବାଲି ଚାଲାଣ କରୁଛନ୍ତି। ତହସିଲଦାର ବାଲି ଲିଜ୍‌ଧାରୀଙ୍କ ସହ ସଲାସୁତରା କରି ସେମାନଙ୍କ ଦ୍ୱାରା ଅନୁଗୃହୀତ ହୋଇ ଲୋକଦେଖାଣିଆ ଭାବେ କେବଳ ଟ୍ରାକ୍ଟର ପଛରେ ପଡ଼ିଛନ୍ତି। ମାଙ୍କଡ଼ା ପଥର ଖଣି ଉତୋଳନକାରୀଙ୍କୁ ମଧ୍ୟ ସେହି ତରିକାରେ ସେମାନଙ୍କ ଠାରୁ ମାସିକିଆ ନେଇ ବେଳେବେଳେ ଟ୍ରାକ୍ଟରକୁ ପିଛାକରି ଧରି ଫାଇନ କରୁଛନ୍ତି । ତହସିଲର କେତେଜଣ କର୍ମଚାରୀ ଏହି କାରବାରରେ ସଂପୃକ୍ତ ରହି ମ୍ୟାଡାମଙ୍କ ନାଁ କହିବି ଭିନ୍ନ ଟ୍ରାକ୍ଟର ମାଲିକମାନଙ୍କୁ ମାସିକିଆ ଦେବାକୁ ପ୍ରବର୍ତାଉଛନ୍ତି। ଯିଏ କଥା ନମାନୁଛିସେମାନଙ୍କଗାଡି ନମ୍ବର ଓ ଟ୍ରାକ୍ଟର ମାଲିକଙ୍କ ଠିକଣା ତହସିଲଦାରଙ୍କୁ ପ୍ରଦାନ କରୁଛନ୍ତି । ତହସିଲଦାର ମହାଶୟା ଅତ୍ୟନ୍ତ ଚତୁରତାର ସହକାରେ ସେହିଟ୍ରାକ୍ଟର ନମ୍ବରଗୁଡିକୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇ ଦେଉଛନ୍ତି ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଚଢାଉ କରାଯାଉଛି। ଗତ ସପ୍ତାହରେ ସହକାରୀ ଉପଜିଲ୍ଲାପାଳ ଚଢାଉ କରିବାକୁ ଆସି ମାଡ ଖାଇବା ଘଟଣା ଦାଣ୍ଡରେ ପଡି ହାଟରେ ଗଡୁଛି। ତହସିଲଦାରଙ୍କ ଯୋଗୁ ସେ ମାଡଖାଇଲେ ବୋଲି ଚର୍ଚ୍ଚା ହେଉଛି। ତହସିଲଦାରଙ୍କୁ ମିଳୁଥିବା ମାସିକିଆରୁ ସେ ଉପର ମହଲରେ ଭୋଗ ଲଗାଉଥିବା ଯୋଗୁ ବଦଳି ଆଦେଶ ସତ୍ତ୍ୱେ ସେ ଭୁବନ ଛାଡୁନାହାଁନ୍ତି କି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷତାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ/ପଦକ୍ଷେପ ନେଉନାହାଁନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଓ ଚର୍ଚ୍ଚା ଜୋର ଧରିଛି ।

## ଓଡିଶା ଚାଷୀଙ୍କୁ ତୁରନ୍ତ ବୀମା ଟଙ୍କା ପ୍ରଦାନ କରୁ କେନ୍ଦ୍ର : ବିଜେଡି

ଭୁବନେଶ୍ୱର,୧୦।୧୧(ପି.ଏନ): ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କେନ୍ଦ୍ରୀୟ ଯୋଜନ ହୋଇଥିବା ବେଳେ ବିଜେପି ଫସଲ ବୀମା ଯୋଜନାର ବିଫଳତାର ଦୋଷକୁ ରାଜ୍ୟ ମୁଣ୍ଡରେ ଲଦିବାକୁ ଚେଷ୍ଟା କରୁଛି ବୋଲି କହିଛନ୍ତି ବରଗଡର ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ । ଯେତେବେଳେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆରମ୍ଭ ହୋଇଥିଲା, ସେତେବେଳେ ବିଜେପି ଦାବି କରିଥିଲା ଯେ ସେମାନେ ଚାଷୀଙ୍କ ପାଇଁ ବହୁତ ଭଲ କାମ କରିଛନ୍ତି । ବର୍ତ୍ତମାନ ଯେତେବେଳେ ଏହା ଏକ ବିଫଳତା, ସେମାନେ କାହିଁକି ଦୋଷ ଲୁଚାଇବା ସହିତ ରାଜ୍ୟ ସରକାରଙ୍କ ଉପରକୁ ଏହାକୁ ଠେଲିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି ।କେନ୍ଦ୍ରରେ କ୍ଷମତାରେ ଥିବା ବିଜେପି ଦଳ ଦ୍ୱାରା ବୀମା କମ୍ପାନୀମାନଙ୍କୁ ହଜାର ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏବେ ପଶ୍ଚିମ ଓଡିଶାର ଲକ୍ଷ ଲକ୍ଷ କୃଷକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବୀମା କମ୍ପାନୀଗୁଡ଼ିକୁ ସୁରକ୍ଷା ଦେବାକୁ ବିଜେପି ଚେଷ୍ଟା କରୁଛି ।ବିଜେପି ନିଶ୍ଚିତ କରିବା ଉଚିତ ଯେ କେନ୍ଦ୍ରରେ ଥିବା ତାଙ୍କ ଦଳର ସରକାର ପଶ୍ଚିମ ଓଡିଶାର କୃଷକମାନଙ୍କୁ ସେମାନଙ୍କର ପଡି ରହିଥିବା ବୀମା ଅର୍ଥ ରାଶି ଶୀଘ୍ର ପ୍ରଦାନ କରନ୍ତୁ ନଚେତ ଲକ୍ଷ ଲକ୍ଷ କୃଷକ ଏହି ମିଛ ତଥା ଶୋଷଣ ପାଇଁ ବିଜେପିକୁ ଆଦୌ କ୍ଷମା କରିବେ ନାହିଁ ବୋଲି ବିଧାୟକ ଶ୍ରୀ ଆଚାର୍ଯ୍ୟ କହିଛନ୍ତି।




# ପାକିସ୍ତାନ ରାଜନୀତିରେ ନୂଆମୋଡ



ଏହା ନିଶ୍ଚିତ ଯେ, ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଯେ କି ସାତ ମାସ ତଳେ କ୍ଷମତାଚ୍ୟୁତ ହୋଇଥିଲେ, ଗତ ସପ୍ତାହରେ ଏକ ଶୋଭାଯାତ୍ରାରେ ଯିବାବେଳେ ତାଙ୍କ ଉପରେ ଗୁଳିମାଡ ଘଟଣା ଅଭ୍ୟାସଗତ ବିଶୃଙ୍ଖଳିତ ପାକିସ୍ତାନର ରାଜନୀତି ଏବେ ଏକ ନୂତନ ମୋଡ ନେଇଛି ବୋଲି କୁହାଯାଇପାରିବ । ଗୁଳିମାଡରୁ ଇମ୍ରାନ ଖାଁ ଅଳ୍ପକେ ବର୍ତିଯାଇଥିବା ବେଳେ ତାଙ୍କ ଗୋଡରେ ୪ଟି ଗୁଳି ବାଜିଛି । ଏହି ଗୁଳିକାଣ୍ଡରେ ଦଳ ପାକିସ୍ତାନ ତେହେରିକ୍ ଇ ଇନସାଫ (ପିଟିଆଇ)ର ଜଣେ କର୍ମୀ ମୃତ୍ୟୁବରଣ କରିଛନ୍ତି । ଅବଶ୍ୟ ସୁରକ୍ଷାକର୍ମୀମାନେ ଗୁଳିମାଡ କରିଥିବା ଦୁର୍ବୃତ୍ତକୁ ଗିରଫ କରିଛନ୍ତି । ତେବେ ସେ କାହିଁକି ଇମ୍ରାନଙ୍କ ଉପରେ ଗୁଳି ଚଳାଇଥିଲା, ତାହା ସ୍ପଷ୍ଟ ହୋଇନାହିଁ । କିନ୍ତୁ ଏହି ଗୁଳିକାଣ୍ଡ ଯେ ଇମ୍ରାନଙ୍କୁ ହତ୍ୟା କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଏହା ନିଃସନ୍ଦେହରେ କୁହାଯାଇପାରେ । ତେବେ ଗୁଳିକାଣ୍ଡ ଘଟଣା ପରେ ଚିକିତ୍ସିତ ହେଉଥିବା ଶଯ୍ୟାରୁ ସେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ପ୍ରଥମ ଥର ପାଇଁ ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରଭାବଶାଳୀ ନେତା ଭାବେ ଇମ୍ରାନ ତାଙ୍କୁ ହତ୍ୟା କରିବା ପାଇଁ ସେନାମୁଖ୍ୟ ଓ ପ୍ରଧାନମନ୍ତ୍ରୀଙ୍କର ଏକ ଷଡଯନ୍ତ୍ର ବୋଲି କହିଛନ୍ତି । କହିବା ବାହୁଲ୍ୟ ଯେ, ପ୍ରଥମ ଥର ପାଇଁ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଖୋଲାଖୋଲି ଭାବେ ପାକିସ୍ତାନର ସେନାମୁଖ୍ୟଙ୍କୁ ଟାର୍ଗେଟ କରିଛନ୍ତି । ପାକିସ୍ତାନ ଶାସନ ବ୍ୟବସ୍ଥାରେ ଏହା ଏକ ବିରଳ ଘଟଣା । ଏହା ସତ୍ୟ ଯେ, ପାକିସ୍ତାନ ରାଜନୀତିରେ ୪-ଏ ଅର୍ଥାତ୍ ଆର୍ମି, ଆଲ୍ଲା, ଆମେରିକା ଏବଂ ଆତଙ୍କବାଦୀ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି । ଯେଉଁଥିପାଇଁ ଭାରତ ଯେଉଁଦିନ ସ୍ୱାଧୀନ ହୋଇଥିଲା, ତାର ମାତ୍ର କିଛି ଘଂଟା ପୂର୍ବରୁ ପାକିସ୍ତାନ ସ୍ୱାଧୀନ ହୋଇଥିବା ବେଳେ ଗତ ୭୫ବର୍ଷ ମଧ୍ୟରେ ସେ ଦେଶରେ ଅର୍ଦ୍ଧାଧିକ ବର୍ଷ କେବଳ ସାମରିକ ଶାସନ କବ୍ଜାରେ ରହିଥିଲା । ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ କୌଣସି ସରକାର ପୂର୍ଣ୍ଣ ୫ ବର୍ଷ କ୍ଷମତାରେ ରହିପାରିନାହାଁନ୍ତି । ଇମ୍ରାନଙ୍କ ନେତୃତ୍ୱରେ ତାଙ୍କ ଦଳ ପାର୍ଲିଆମେଂଟ ନିର୍ବାଚନରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତାସୀନ ହୋଇଥିଲେ ମଧ୍ୟ ଦଳୀୟ ସାଂସଦଙ୍କ ବିଦ୍ରୋହ ତଥା ଦଳର ବିଭାଜନ ଯୋଗୁଁ ସେ କ୍ଷମତାଚ୍ୟୁତ ହୋଇଛନ୍ତି । କ୍ଷମତାଚ୍ୟୁତ ହେବା ପରେ ପ୍ରଥମ ନେତା ଭାବେ ସେ ଆର୍ମି, ଆମେରିକା ବିରୁଦ୍ଧରେ ବିଷୋଦ୍‌ଗାର କରିବା ସହ ଭାରତର ଗଣତନ୍ତ୍ର ଏବଂ ବିଭିନ୍ନ ନୀତିକୁ ଖୋଲାଖୋଲି ଭାବେ ପ୍ରଶଂସା କରିଛନ୍ତି । ଆହୁରି ମଧ୍ୟ ତାଙ୍କ ସରକାର କ୍ଷମତାଚ୍ୟୁତ ହୋଇଥିବା ଏବଂ ତାଙ୍କ ବିରୁଦ୍ଧରେ ଗୁରୁତର ଦୁର୍ନୀତି ଅଭିଯୋଗ କରାଯାଇଥିବା ସତ୍ତ୍ୱେ ପାକିସ୍ତାନ ତେହେରିକ୍ ଇ-ଇନସାଫ (ପିଟିଆଇ) ଉପନିର୍ବାଚନରେ ୮ଟି ଆସନ ମଧ୍ୟରେ ୭ଟିରେ ବିଜୟ ଲାଭ କରିବା ତାଙ୍କ ଲୋକପ୍ରିୟତାର ସଂକେତ ଅକ୍ଷୁର୍ଣ୍ଣ ଥିବା ପ୍ରମାଣିତ କରୁଛି । ଦେଶରେ ସାଧାରଣ ନିର୍ବାଚନ ହେଲେ, ତାଙ୍କ ଦଳ ପୁଣି କ୍ଷମତାସୀନ ହେବାର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇ ପାରେ । ଅନ୍ୟପକ୍ଷରେ ଇମ୍ରାନଙ୍କୁ ହତ୍ୟା ଷଡଯନ୍ତ୍ର ଅଭିଯୋଗକୁ ସେନାମୁଖ୍ୟ ଜେନେରୋଲ ବାଜୱା ଓ ପ୍ରଧାନମନ୍ତ୍ରୀ ସରିଫ ଖଣ୍ଡନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଚଳିତ ମାସ ଶେଷରେ ଜେ ବାଜୱା ଅବସର ଗ୍ରହଣ କରୁଛନ୍ତି । ପାକିସ୍ତାନ ସ୍ୱାଧୀନ ହେବାଠାରୁ ଯେତେସବୁ ପ୍ରଧାନମନ୍ତ୍ରୀ ନିଜର ଅନ୍ତରଙ୍ଗ ତଥା ବିଶ୍ୱସ୍ତ ସେନା ଅଫିସରଙ୍କୁ ଅଯାଚିତ ପଦୋନ୍ନତି ଦେଇ ସେନାମୁଖ୍ୟ ପଦବୀରେ ଅବସ୍ଥାପିତ କରିଛନ୍ତି, ସେହି ପ୍ରଧାନମନ୍ତ୍ରୀମାନେ ନିଜର ବିଶ୍ୱସ୍ତ ସେନାମୁଖ୍ୟଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇଥିବା ବହୁ ନଜିର ରହିଛି । ପାକିସ୍ତାନ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଜୁଲିଫଙ୍କର ଅଲ୍ଲୀ ଭୁଟ୍ଟୋ ନିଜର ବିଶ୍ୱସ୍ତ ଜେନେରାଲ ଜିଆଉଲ୍ ହାକ୍‌ଙ୍କୁ ଅଯାଚିତ ପଦୋନ୍ନତି ଦେଇ ସେନା ଭାବେ ଅବସ୍ଥାପିତ କରିଥିଲେ । ହକ୍ ତାଙ୍କୁ ସାମରିକ ବିଦ୍ରୋହ ଦ୍ୱାରା ଗାଦିଚ୍ୟୁତ କରି ଏକ ହତ୍ୟା ମାଲାରେ ଅଭିଯୁକ୍ତ କରି ଫାଶୀଖୁଂଟରେ ଝୁଲାଇଥିଲେ । ସେହିପରି ନୱାଜ ସରିଫ ନିଜର ବିଶ୍ୱସ୍ତ ଜେନେରାଲ ପରଭେଜ ମୁସାରଫଙ୍କୁ ଅଯାଚିତ ଅନୁଗ୍ରହ ଦେଖାଇ ସେନାମୁଖ୍ୟ କରିଥିଲେ । ଜେ ମୁସାରଫ୍ ସାମରିକ ବିଦ୍ରୋହରେ ସରିଫଙ୍କୁ ବନ୍ଦୀ କରିବା ସହ ରାଜଦ୍ରୋହ ଅଭିଯୋଗରେ ପ୍ରଥମେ ଫାଶୀଦଣ୍ଡ ଦେଇଥିଲେ । ପରେ ତାଙ୍କୁ କୋହଳ କରି ସରିଫଙ୍କୁ ନିର୍ବାଚନ ଦଣ୍ଡ ଦେଇଥିଲେ । ପୂର୍ବରୁ ମଧ୍ୟରୁ ୟାହିଆ ଖାଁ, ସେନା ମଧ୍ୟରୁ ସାମରିକ ବିଦ୍ରୋହ ବଳରେ ଦେଶର ରାଷ୍ଟ୍ରପତି ହୋଇ ପାର୍ଲିଆମେଂଟକୁ ଅକାମୀ କରିଦେଇଥିଲେ । ତେବେ ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଗାଦିଚ୍ୟୁତ ହେବା ପରେ ସେନାବାହିନୀ ଓ ଆମେରିକା ବିରୁଦ୍ଧରେ ଖୋଲାଖୋଲି ବିଦ୍ରୋହ ଓ ଭାରତକୁ ପ୍ରଶଂସା କରିବା ଦେଶରେ ନୂତନ ସୂର୍ଯ୍ୟୋଦୟର ଆଭାସ ଦେଇଛି । ଇମ୍ରାନଙ୍କ ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରହିଥିବା ଉପ-ନିର୍ବାଚନ ଫଳାଫଳ ସଂକେତ ପ୍ରଦାନ କରିଥିବାବେଳେ ତାଙ୍କ ଉପରେ ଗୁଳିମାଡ ନେଇ ଦେଶବ୍ୟାପୀ ଯେପରି ବିକ୍ଷୋଭ, ପ୍ରତିବାଦ ଜାରି ରହିଛି, ତାହା ଏବେ ପାକିସ୍ତାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛି । ସେନା ଏକପ୍ରକାର ଅସହାୟ ହୋଇପଡିଥିବା ମନେହୁଏ । ତେବେ ପାକିସ୍ତାନରେ ତୁରନ୍ତ ନିର୍ବାଚନ, ଏହି ସଂକଟର ସମାଧାନ କରିପାରିବ । କିନ୍ତୁ ଏହା ନିଶ୍ଚିତ ପାକିସ୍ତାନ ଗଣତନ୍ତ୍ରର ଅଭାବର ଶିକାର ହୋଇଆସିଛି ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯**

# ବିଶ୍ୱରେ ଶାକାହାର



ସୌମେନ୍ଦ୍ର ଜେନା

ଭାରତ ଏକ ବହୁ ପ୍ରଦେଶୀ, ବହୁଭାଷୀ, ବହୁ ଆହାରୀ, ବହୁ ବ୍ୟବହାରୀ ଦେଶ ହୋଇଥିବାରୁ ଏଠାରେ ଅନେକ ପ୍ରକାରର ଭିନ୍ନତା ଦେଖାଦେଇଥାଏ । ଖାଦ୍ୟାହାରକୁ ନେଇ ରାଜନୀତି, ମତଭେଦ, ସଂଘର୍ଷ ମଧ୍ୟ ଘଟିଥାଏ । ଖାଦ୍ୟ ଗ୍ରହଣକୁ କେନ୍ଦ୍ର କରି କିଛି ଲୋକ ନିକଟରେ ସୂର୍ଯ୍ୟପରାଗ କାଳରେ ନିଜର ଅହଂ ପ୍ରଧାନ ବୌଦ୍ଧିକତାକୁ ପ୍ରଦର୍ଶନ କରିବାକୁ ଗଣମାଧ୍ୟମକୁ ମାଧ୍ୟମ କରିଥିଲେ, ଅନ୍ୟମାନେ ମୂର୍ଖ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ । ଏଠି ହିନ୍ଦୁମାନେ କଛା ଭିଡି ମନ୍ଦିରକୁ ଗଲାବେଳେ ମୁସଲିମ ଲୋକେ କଛା ଖୋଲି ମସଜିଦ୍‌କୁ ଯାଇଥାଆନ୍ତି । ମନ୍ଦିରରେ ପୁରୁଷ-ସ୍ତ୍ରୀ ପ୍ରବେଶ କରିପାରୁଥିବା ସ୍ଥଳେ ମସ୍‌ଜିଦରେ କେବଳ ପୁରୁଷଙ୍କୁ ପ୍ରବେଶାଧିକାର ଥିବା ଦେଖିବାକୁ ମିଳୁଛି । ସେମିତି ଗତ କିଛି ବର୍ଷ ହେଲା ମାଂସାହାରକୁ ନେଇ ଭିନ୍ନ ଭିନ୍ନ ସ୍ଥାନରେ ଲୋକଙ୍କ ମଧ୍ୟରେ ବିବାଦ ସୃଷ୍ଟିହେବା ଦେଖିବାକୁ ମିଳୁଛି । ପୂର୍ବେ ମାଂସାହାରୀମାନଙ୍କୁ ଗ୍ରାମରୁ ବିତାଡିତ କରାଯାଉଥିଲା ଏବଂ ଯେଉଁମାନେ ମାଂସାହାର କରୁଥିଲେ ସେମାନଙ୍କୁ ମନ୍ଦିର ପ୍ରବେଶ ଅଧିକାରରୁ ଅଲଗା କରାଯାଉଥିଲା । ସେମାନେ ଗ୍ରାମରୁ ବାହାରେ ଯାଇ ରହୁଥିଲେ । ସମାଜରେ



ଖାଦ୍ୟାହାରର ଭିନ୍ନତାକୁ କେନ୍ଦ୍ରକରି ସ୍ପୃଶ୍ୟ ଅସ୍ପୃଶ୍ୟ ମତଭେଦ ସୃଷ୍ଟି ହୋଇଥିଲା । ସେହି ମତଭେଦ ଏବେ ଅବଶ୍ୟ ଦେଖିବାକୁ ମିଳୁନାହିଁ । କାରଣ ସମାଜର ବଡବର୍ଗ ଏପରିକି ଭାରତର ଅଧିକାଂଶ ପ୍ରଦେଶରେ ମାଂସାହାର ଏକ ଲୋକପ୍ରିୟ ବ୍ୟବସ୍ଥାରେ ପରିଣତ ହୋଇଛି । ଆହାରକୁ କେନ୍ଦ୍ରକରି ସ୍ପୃଶ୍ୟ-ଅସ୍ପୃଶ୍ୟ ବିଚାରକଲେ ସତୁରି ପ୍ରତିଶତ ସମାଜ ଅସ୍ପୃଶ୍ୟ ହୋଇଯିବ । ତେଣୁ ପଶୁହତ୍ୟାକୁ ଆଉ ବଡକଥା ବା ଦୋହାବହ ବୋଲି କେହି ଚିନ୍ତା କରୁନାହାନ୍ତି । ଏହି କ୍ରମରେ ଚୀନର ଲୋକେ ଆଉ ଦୁଇପାଦ ଆଗକୁ ଯାଇ ସାରା ବିଶ୍ୱରୁ କୁକୁର, ମାଙ୍କଡ, ମୂଷା, ବିଲେଇ, ସାପ, ସାମୁଦ୍ରିକ ଜୀବ ଆଦି ସଂଗ୍ରହ କରିବାରେ ବ୍ୟସ୍ତ । ନିକଟରେ ପାକିସ୍ତାନକୁ କୁକୁର ରପ୍ତାନୀ କରିବା ପାଇଁ ଚୀନ ପ୍ରସ୍ତାବ ଦେଇଛି । ଚୀନରେ ଗଧମାଂସର ଚାହିଦା ଅଧିକ ଥିବାରୁ ପାକ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଗଧ ରପ୍ତାନୀ ଉପରେ ଜୋର ଦେଇଥିଲେ । ସେମିତି ଆଫ୍ରିକାର ଲୋକଙ୍କ ମଧ୍ୟରେ ମାଙ୍କଡ ମାଂସ ଖାଇବା ଆଗ୍ରହ ଅଧିକ ଥିବାରୁ ସେଠାକାର ଜଙ୍ଗଲଗୁଡିକରେ ମାଙ୍କଡଙ୍କ ସଂଖ୍ୟା ହ୍ରାସ ପାଇଛି । ଭାରତର ଉତ୍ତରପୂର୍ବ ରାଜ୍ୟ ମାନଙ୍କରେ କୁକୁରମାଂସ ବେଶ୍ ଲୋକପ୍ରିୟ ଖାଦ୍ୟ ହୋଇଥିବାରୁ ନାଗା ଲୋକେ ଏକ ସ୍ୱତନ୍ତ୍ର କାଠି ଯୋଗେ ଅତିକମ୍ ସମୟରେ ଯେ କୌଣସି କୁକୁରକୁ ଶିକାର କରିବାକୁ ସକ୍ଷମ ହୋଇଥାଆନ୍ତି । ସେମାନଙ୍କ ଘର ଚାରିପାଖେ କାନ୍ଥରେ ପଶୁଙ୍କ ମୁଣ୍ଡ ବହୁସଂଖ୍ୟାରେ ସଜା ହୋଇ ରହିଥାଏ । ଯେତେ ଅଧିକ ପଶୁମୁଣ୍ଡ ଯିଏ ନିଜର ଘର ଚାରିପାଖେ ସଜାଇ ପାରିଲା ସେ ଅଧିକ ଭାଗ୍ୟବାନ ହେବ ବୋଲି ବିଚାର କରାଯାଏ । ଏହି ପଶୁମାଂସ ପ୍ରେମରୁ ସମୟକ୍ରମେ ସେଠାକାର ଲୋକେ ମଣିଷ ମାଂସ ଭକ୍ଷଣ କରିବାକୁ ମଧ୍ୟ ଭଲପାଇଲେ । ସମାଜର ବାହାର ଲୋକଙ୍କୁ ସେମାନେ ଶିକାର କରୁଥିବା ହେତୁ ଅନେକ ଅଞ୍ଚଳକୁ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ମଧ୍ୟ ଲଗାଯାଇଥିଲା । ନିକଟରେ କେରଳର ଜଣେ ମୁସଲମାନ ବ୍ୟକ୍ତି ବର୍ଷ ବର୍ଷ ଧରି ମହିଳାମାନଙ୍କୁ ହତ୍ୟା କରିବା ପରେ ସେମାନଙ୍କ ଯୌନାଙ୍ଗକୁ କାଟି ଫ୍ରିଜ୍‌ରେ ସାଇତି ରଖି ଖାଇବା ଘଟଣା ନିକଟରେ ପୁଲିସ ଦୃଷ୍ଟିକୁ ଆସିଛି । ଆଫ୍ରିକାର ନରପିଶାଚ ଭାବେ ପରିଚିତ ଶାସକ ଇଦି ଅମିନଙ୍କର ମହିଳାଙ୍କ କଟା ସ୍ତନ ଖାଇବାରେ ଅଧିକ ଆଗ୍ରହ ଥିଲା ବୋଲି ଜଣାଯାଏ ।

ଯୁଦ୍ଧ ସଂଘର୍ଷକୁ ସମ୍ମୁଖୀନ ହେବା ଲୋକେ ମାଂସାହାରୀ ହୋଇଥାନ୍ତି ବୋଲି ସାଧାରଣତଃ ଭୁଲ ଧାରଣା ରହିଛି । କିନ୍ତୁ ହଜାର ହଜାର ବର୍ଷର ଯୁଦ୍ଧକୁ ସାମ୍ନା କରିଆସିଥିବା ଉତ୍ତର ପଶ୍ଚିମ ଭାରତର ଲୋକେ ବୈଦେଶିକ ଆକ୍ରମଣକୁ ସାମ୍ନା କରିନଥିବା ଅଞ୍ଚଳଠାରୁ



ଅଧିକ ଶାକାହାରୀ ବୋଲି ଜଣାପଡିଛି । ମହାଭାରତ ଯୁଦ୍ଧର କେନ୍ଦ୍ର କୁରୁକ୍ଷେତ୍ର ହରିୟାଣାରେ ରହିଛି, ହେଲେ ଭାରତରେ ଶାକାହାରୀଙ୍କ ସଂଖ୍ୟା ଦୃଷ୍ଟିରୁ ଏହି ରାଜ୍ୟର ସ୍ଥାନ ଦ୍ୱିତୀୟରେ ରହିଛି । ଶାକାହାରୀଙ୍କ ସଂଖ୍ୟାରେ ଅଗ୍ରଣୀ ରହିଥିବା ରାଜ୍ୟଗୁଡ଼ିକ ହେଲେ (ପ୍ରତିଶତ ହିସାବରେ) ରାଜସ୍ଥାନ (୭୫), ହରିୟାଣା (୭୦), ପଞ୍ଜାବ (୬୩), ଗୁଜରାଟ (୬୧), ହିମାଚଳ ପ୍ରଦେଶ (୫୩), ମଧ୍ୟପ୍ରଦେଶ (୫୧), ଉତ୍ତର ପ୍ରଦେଶ (୪୭), ଦିଲ୍ଲୀ (୪୦), ମହାରାଷ୍ଟ୍ର (୪୦), ଲଦ୍ଦାଖ (୩୧), ଜାମ୍ମୁ ଓ କାଶ୍ମିର (୩୧), କର୍ଣ୍ଣାଟକ(୨୧), ଆସାମ (୨୦.୬), ଛତିଶଗଡ (୧୮), ସିକିମ (୧୨), ମଣିପୁର (୧୧) । ଦକ୍ଷିଣ ପୂର୍ବ ଏବଂ ଉତ୍ତର ପୂର୍ବ ରାଜ୍ୟଗୁଡିକରେ ଶାକାହାରୀଙ୍କ ସଂଖ୍ୟା ୧୦ ପ୍ରତିଶତରୁ ମଧ୍ୟ କମ୍ ରହିଛି । ଏହି ରାଜ୍ୟଗୁଡିକ ମଧ୍ୟରେ ତ୍ରିପୁରା (୮), ବିହାର (୭.୫), ମିଜୋରାମ (୬), ମେଘାଳୟ (୫)ରେ ପାଞ୍ଚ ବା ପାଞ୍ଚରୁ ଅଧିକ ପ୍ରତିଶତ ଶାକାହାରୀ ଥିଲାବେଳେ ୫ ପ୍ରତିଶତରୁ କମ୍ ଶାକାହାରୀ ଥିବା ରାଜ୍ୟଗୁଡିକ ହେଲେ ଅରୁଣାଚଳ ପ୍ରଦେଶ (୪), ଝାଡଖଣ୍ଡ (୩), କେରଳ (୩), ଓଡିଶା (୨.୬), ତାମିଲନାଡୁ (୨.୩), ନାଗାଲାଣ୍ଡ(୨), ତେଲେଙ୍ଗାନା (୧.୭), ପଶ୍ଚିମବଙ୍ଗ (୧.୪), ଆନ୍ଧ୍ରପ୍ରଦେଶ (୧.୩) । ସେମିତି ବିଶ୍ୱରେ ଶାକାହାରୀ ସଂଖ୍ୟା ଦେଖିଲେ (ପ୍ରତିଶତ ହିସାବରେ) ଆର୍ଜେଣ୍ଟିନା (୧୨), ଅଷ୍ଟ୍ରେଲିଆ (୧୨.୧), ବେଲଜିୟମ (୭), ବ୍ରାଜିଲ (୧୪), କାନାଡା (୭.୬), ଚିଲି (୬), ଚୀନ (୪.୫), କଲମ୍ବିଆ (୪), ଚେକ୍ ରିପବ୍ଲିକ(୫), ଡେନମାର୍କ (୧୦), ଫିନଲାଣ୍ଡ (୧୨), ଇସ୍ତୋନିଆ (୬), ଜର୍ମାନୀ (୧୦), ଗ୍ରୀସ (୪), ହଙ୍ଗେରୀ (୫), ଆୟରଲାଣ୍ଡ (୮.୪), ଜାପାନ (୯), ଲାଟଭିଆ (୫), ଲିଥୁଆନିଆ (୬), ନେଦରଲାଣ୍ଡ (୫), ନରୱେ (୯), ଫିଲିପାଇନ୍ସ (୫), ସିଙ୍ଗାପୁର (୭), ସ୍ୱିଡେନ(୧୨), ତାଇୱାନ (୧୩), ଭିଏତନାମ (୧୦), ଆମେରିକା (୫), ୟୁକ୍ରେନ (୫.୨), ବ୍ରିଟେନ (୧୦), ନିଉଜିଲାଣ୍ଡ (୧୦)ରେ କିଛି କିଛି ଶାକାହାରୀ ରହିଛନ୍ତି । ଇସ୍ରାଏଲରେ (୧୩) ପ୍ରତିଶତ ଶାକାହାରୀ ରହିଛନ୍ତି । ବିଶ୍ୱରେ ଭାରତର ଶାକାହାରୀ ସଂଖ୍ୟା ୨୩ପ୍ରତିଶତରୁ ଅଧିକ ରହିଥିବାର କୁହାଯାଉଛି । କିନ୍ତୁ ଏହି ସଂଖ୍ୟାରେ କେବଳ ଉତ୍ତର ଏବଂ ପଶ୍ଚିମାଞ୍ଚଳ ରାଜ୍ୟଗୁଡିକର ଅଂଶ ଅଧିକ ରହିଛି । ବିଶ୍ୱରେ ମୋଟ ଜନସଂଖ୍ୟାର ଏକ ଚତୁର୍ଥାଂଶ ଶାକାହାରୀ ଥିବାରୁ ଭାରତ ସବୁଠୁ ଆଗରେ ରହିଛି । ସେମିତି ଚୀନରେ ଶାକାହାରୀ ବହୁତ କମ୍ । ସେଠାରେ ପ୍ରାୟ ପ୍ରତ୍ୟେକ ଖାଦ୍ୟ ଏପରିକି ଚିପ୍‌ସକୁ ମାଂସାହାରରେ ଗଣାଯାଇଥାଏ ।

ଭାରତର ଗୁଜରାଟ ପ୍ରଦେଶ ଅନ୍ତର୍ଗତ ଭାବନଗର ଜିଲ୍ଲାରେ ସର୍ବାଧିକ ଶାକାହାରୀ ଥିବା ହିସାବରୁ ଜଣାପଡେ । ଏହି ଜିଲ୍ଲାରେ ଥିବା ପଲିତଣା ଜୈନଙ୍କ ଧାର୍ମିକନଗରୀ ହୋଇଥିବାରୁ ଏଠାରେ ଅଧିକ ସଂଖ୍ୟକ ଶାକାହାରୀ ଦେଖାଯାଇଥାନ୍ତି । ପୃଥିବୀର ସର୍ବାଧିକ ୨ଟି ଶାକାହାରୀ ଜିଲ୍ଲା ମଧ୍ୟରୁ ଏହା ଅନ୍ୟତମ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
**ଭୁବନେଶ୍ୱର-୭୫୧୦୦୩**

# ପୋଖରୀ ନିର୍ମାଣ ଓ ପେଭର ବ୍ଲକ୍ ବିଛା ଦୁର୍ନୀତିର ତଦନ୍ତ ପାଇଁ ଦାବି



ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୬ ନମ୍ବର ୱାର୍ଡର ଶାନ୍ତିନଗର ଠାରେ ହୋଇଥିବା ପୋଖରୀ ନିର୍ମାଣରେ ହୋଇଥିବା ଦୁର୍ନୀତି ଓ ଲେବର ଟେନାମେଣ୍ଟର ରାସ୍ତାପାର୍ଶ୍ୱରେ ନିମ୍ନମାନର ପେଭର ବ୍ଲକ୍ ବିଛା କାର୍ଯ୍ୟର ତଦନ୍ତ ପାଇଁ ଉକ୍ତ ୱାର୍ଡର ବାସିନ୍ଦାମାନଙ୍କ ତରଫରୁ ଦାବି କରାଯାଇଛି । ଗତ ତା-୯.୧୧.୨୨ ରିଖରେ ଉକ୍ତ ୱାର୍ଡର ଶାନ୍ତିନଗର ଓ ଲେବର ଟେନାମେଣ୍ଟ ଅଞ୍ଚଳର ପ୍ରତିନିଧି ସ୍ତରୀୟ ବାସିନ୍ଦାମାନେ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ମହାନଗର ନିଗମର କମିଶନର ଏବଂ ଉପକମିଶନରଙ୍କୁ ସାକ୍ଷାତ କରି ଏହି ପୋଖରୀର ନିର୍ମାଣ କାର୍ଯ୍ୟରେ ହୋଇଥିବା ବ୍ୟାପକ ଦୁର୍ନୀତି ସମ୍ପର୍କରେ ଅବଗତ କରାଇଥିଲେ । ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ୪୪ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଏହି ପୋଖରୀର ଉନ୍ନୟନ କାର୍ଯ୍ୟ କରାଯାଇଥିଲେହେଁ ସମ୍ପ୍ରତି ଏହା ଏକ ଆବର୍ଜନା କୁଣ୍ଡରେ ପରିଣତ ହୋଇ ମଶା, ମାଛିଙ୍କ ପ୍ରଜନନ କେନ୍ଦ୍ରରେ ପରିଣତ ହୋଇଛି । ପୋଖରୀ ହୁଡାରେ ନିର୍ମିତ ପ୍ରାଚୀରରେ ଲଗାଯାଇଥିବା ଟାଇଲ୍ ଗୁଡିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ କେତେକ ସ୍ଥାନରେ ଉଠିଗଲାଣି ତ ଆଉ କେତେ ସ୍ଥାନରେ ଭାଙ୍ଗି ଗଲାଣି । ପୋଖରୀ ପାର୍ଶ୍ୱରେ ନିର୍ମିତ ନାଳି କେତେକ ସ୍ଥାନରେ ଭୁଷୁଡି ପଡିଥିବାରୁ ବର୍ଷାଜଳ ନିଷ୍କାସନ ହୋଇନପାରି ବସ୍ତିବାସୀଙ୍କ ଘରେ ପଶୁଛି । ତେଣୁ ଏହି ପୋଖରୀ ନିର୍ମାଣରେ ବ୍ୟାପକ ଅର୍ଥ ହରିଲୁଟ୍ ହୋଇଥିବା ସ୍ପଷ୍ଟ ଜଣାପଡୁଥିବାରୁ ଏହାର ତଦ' କରି ଏହାକୁ ବ୍ୟବହାର ଉପଯୋଗୀ କରିବାକୁ ବାସିନ୍ଦାମାନେ ଦାବି କରିଛ଼ି ଏବଂ ଏହି ପୋଖରୀର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବା ବସ୍ତି କମିଟିକୁ ହସ୍ତା'ର କରିବାକୁ ବାସିନ୍ଦାମାନେ ପ୍ରସ୍ତାବ ଦେଇଛ଼ି । ସେହିପରି ଲେବର ଟେନାମେଣ୍ଟ ଅଞ୍ଚଳରେ ଗତ ୨/୩ ମାସ ତଳେ ରାସ୍ତା ପାର୍ଶ୍ୱରେ ବିଛାଯାଇଥିବା ପେଭର ବ୍ଲକ୍ କାର୍ଯ୍ୟ ଅତ୍ୟ' ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରେ ବ୍ଲକ୍ ଗୁଡିକ ଉଠିଯିବା ସହିତ କେତେକ ସ୍ଥାନରେ ଭୁଷୁଡି ପଡିଲାଣି । ତେଣୁ ଏହି ଉଭୟ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ଆବଶ୍ୟକ ତଦ' କରି ଦୃଷ୍ଟା'ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନଙ୍କ ତରଫରୁ ଦାବି କରାଯାଇଛି । ଅନୁରୂପ ଭାବେ କମ୍ୟୁନିଟି ସେଣ୍ଟର ପାର୍ଶ୍ୱରେ ଏକ ଡାଇନିଙ୍ଗ ହଲ୍ ନିର୍ମାଣ କରିବା, ତ୍ରିନାଥ ନଗର ଅଙ୍ଗନବାଡି କେନ୍ଦ୍ର ପାଇଁ ଏକ ଗୃହ ଯୋଗାଇ ଦେବାକୁ ଏହି ଅବସରରେ ଦାବି କରାଯାଇଛି । ମହାନଗର ନିଗମ ତରଫରୁ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି ସେଥିରେ ସ୍ୱଚ୍ଛତା ରଖାଯିବା ସହିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୱାର୍ଡର ବାସିନ୍ଦାମାନେ ଦାବି କରିଛ଼ି । ଏହି ପ୍ରତିନିଧିମାନଙ୍କ ମଧ୍ୟରେ ଉକ୍ତ ୱାର୍ଡର ଅଭିମନ୍ୟୁ ଦାସ, କାର୍ତ୍ତିକ ଚନ୍ଦ୍ର ବେହୁରିଆ, ଚତୁର୍ଭୁଜ ସାମଲ, ଜିତେନ୍ଦ୍ର ଦାସ, ଗୌରୀ ପ୍ରସାଦ ଦାସ, ଅକୁଳ ପାତ୍ର, ନାରାୟଣ ବଡାଇକ, ରୋଶନ କୁଲୁ, ଚନ୍ଦ୍ରଶେଖର ରାଓ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା କଂଗ୍ରେସର ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶା' ସେଠୀ, ଅ'ରୀଣ ସଭାପତି ଦେବବ୍ରତ ବିହାରୀ, ପିସିସି ସଭ୍ୟ ସବୀର ହୁସେନ ଏବଂ ସୁଧୀର ନାଥ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ୱାର୍ଡର ଉପରୋକ୍ତ ସମସ୍ୟା ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ରଖିଥିଲେ ।

# ସ୍କାଉଟ ଗାଇଡ୍‌ମାନଙ୍କ ଦ୍ୱାରା ଭୋଟର ସଚେତନତା ଶୋଭାଯାତ୍ରା



ଭୁବନେଶ୍ୱର (ପିଏନ୍): ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମ ତା୯.୧୧.୨୦୨୨ରିଖ ସକାଳ ୭ ଘଟିକା ସମୟରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜର ମିଳିତ ହୋଇ ଭୋଟର ସଚେତନତା ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ଏହି ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାହାରି ଯଥାକ୍ରମେ ପିଏମ୍‌ଜି ଛକ, ରବିନ୍ଦ୍ର ମଣ୍ଡପ, ପାୱାର ହାଉସ୍ ଛକ ଦେଇ ରାଜ୍ୟ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜନ ମାନେ ସଚେତନତା ସମ୍ପର୍କୀୟ ବିଭିନ୍ନ ପ୍ଲାକାର୍ଡ ଧରି ଜନସଚେତନତା ସୃଷ୍ଟି କରିବାର ପ୍ରୟାସ କରିଥିଲେ । ରାଜ୍ୟ ମୁଖ୍ୟାଳୟର ଯୁଗ୍ମ ସମ୍ପାଦକ ଶ୍ରୀ ମିହିର ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ବହୁ ଅଧିକାରୀ ଏବଂ ବିଦ୍ୟାଳୟମାନଙ୍କରୁ ଆସିଥିବା ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ସମସ୍ତ ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜନରମାନଙ୍କର ଏପରି କାମକୁ ଦେଖି ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ବହୁତ ପ୍ରଶଂସା କରିଥିଲେ ।

## ବୀରଗୋବିନ୍ଦପୁର ସରପଞ୍ଚଙ୍କ ଦ୍ୱାରା କମ୍ବଳ ବଣ୍ଟନ



ଆନନ୍ଦପୁର (ପିଏନ୍): ଘସିପୁରା ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ପଂଚାୟତର ସରପଞ୍ଚ ଦିଲ୍ଲୀପ କୁମାର ମାଝୀଙ୍କ ଦ୍ୱାରା ଯୁଗଳକିଶୋରପୁର ଠାରେ ଶୀତର ଲହରୀକୁ ଆଖି ଆଗରେ ରଖି ଗରିବ ଅସହାୟ ଲୋକମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ । ସରପଞ୍ଚଙ୍କ ଏଭଳି ପ୍ରୟାସକୁ ପଂଚାୟତବାସୀ ପ୍ରଶଂସା କରିଥିବା ବେଳେ ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ବଳରାମ ଟୁଡୁ, ମୁନି ହେମ୍ବ୍ରମ, ସୁଶାନ୍ତ ସୋରେନ୍, ସୁନୀଲ କୁମାର ପ୍ରଧାନ, ସୁଶାନ୍ତ କୁମାର ମାଝୀ, ବୃନ୍ଦାବନ ଗୁଇଁ ପ୍ରମୁଖ ସହଯୋଗ କରିଥିଲେ ।

# ବିଜୁ ଜନତାଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା



ଆନନ୍ଦପୁର (ପିଏନ୍): ହାଟଡିହି ବ୍ଲକ ସ୍ଥିତ ଶାଳଦିଆଁର ଗେଡମା ପଂଚାୟତ ଠାରେ ବିଜୁ ଜନତାଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା ସହ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜୁ ଜନତାଦଳର ବହୁ ତୁଙ୍ଗ ନେତାମାନେ ଯୋଗ ଦେଇଥିବା ବେଳେ ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜନହିତକର କାର୍ଯ୍ୟର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ଏହି ଜନସମ୍ପର୍କ ପଦଯାତ୍ରାର ମୂଳଲକ୍ଷ୍ୟ । ଏହି ପଦଯାତ୍ରାରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ହାଟଡିହି ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ରଙ୍ଗାଧର ମଲ୍ଲିକ, ସୁରେନ୍ଦ୍ର ଜେନା, ଜିଲ୍ଲାପରିଷଦ ସଭ୍ୟା କୌଶଲ୍ୟା ସେଠୀ, ବ୍ଲକ ଉପାଧକ୍ଷ ରତିକାନ୍ତ ରାଉତ, ଅଭିମନ୍ୟୁ ସେଠୀ, ବିଜୟ ରାଉତ, ବିଶ୍ୱନାଥ ନାୟକ, ହାଟଡିହି ସରପଂଚ ଚିନ୍ମୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ପଦଯାତ୍ରା ସାହାପୁର ଗ୍ରାମରୁ ବାହାରି ଗେଡମା ପଂଚାୟତ ଦେଇ ଏକ ବିଶାଳ ପଦଯାତ୍ରା କରାଯାଇଥିଲା ।

# ଡିଜେଲ ଚୋରକୁ ପୁଲିସରେ ଜିମା ଦେଲେ



କେନ୍ଦୁଝର (ପିଏନ୍): ଝୁମ୍ପୁରା ଥାନା ଅଚଂଳ ୨୦ନମ୍ବର ଜାତୀୟ ରାଜପଥ ମରୁସୁଆଁ ଛକ ନିକଟରେ ଥିବା ଜଗନ୍ନାଥ ଢାବା ପରିସରରୁ ବିଳମ୍ବିତ ରାତିରେ ଟ୍ରକ ଡ୍ରାଇଭରମାନେ ଜଣେ ଡିଜେଲ ଚୋରକୁ କାବୁ କରି ପୁଲିସକୁ ଜିମା ଦେଇଥିଲେ । ଗିରଫ ହୋଇଥିବା ଡିଜେଲ ଚୋର ଜଣକ ଝାଡଖଣ୍ଡ ଅଚଂଳ ମଝିଗାଁ ଥାନା ଚତୁରୀସାହି ଗ୍ରାମ ଝାଡେଶ୍ୱର କୁମ୍ଭାରଙ୍କ ପୁଅ ବୁଲବୁଲ ବେହେରା ବୋଲି ପୁଲିସ ସୂତ୍ରରୁ ଜଣାପଡିଛି । ସୂଚନାଯୋଗ୍ୟ ଯେ, ୨୦ନମ୍ବର ଜାତୀୟ ରାଜପଥ ଦୁଧକୁଣ୍ଡି ଛକ ନିକଟରେ ଥିବା ଜଗନ୍ନାଥ ଢାବା ପରିସରରେ ୧୬ ଚକିଆ ଗାଡି ନଂ (ଓଡି୦୯ଭି୨୬୮୫) ଛିଡା କରି ଡ୍ରାଇଭର ମାଜୁରା ମହାରଣା ଖାଇବା ପାଇଁ ଢାବା ଭିତରକୁ ଯାଇଥିଲେ । ମାଜୁରା ଖାଇସାରି ନିଜ ଗାଡି ପାଖକୁ ଆସିବା ବେଳେ ଦେଖିବାକୁ ପାଇଲା ତାର ୧୬ ଚକିଆ ଗାଡିରୁ ଦୁଇଜଣ ପିଲା ପାଇପ୍ ଲଗାଇ ଡିଜେଲ ଟାଙ୍କିରୁ ଡିଜେଲ ଚୋରୀ କରୁଥିଲେ ଏବଂ ସେମାନଙ୍କ ପାଖରେ ଏକ (ଆରଟିଗା) କାର ଗାଡି ନଂ (ଜେଏଚ୍୦୫ସିୟୁ୦୧୭୭) ଛିଡା କରିଥିଲେ । ଡିଜେଲ ଚୋରୀ କରୁଥିବା ଦେଖି ବଡ ପାଟି କରି ଅନ୍ୟ ଡ୍ରାଇଭର ଭାଇମାନଙ୍କୁ ମାଜୁରା ଡାକ ପକାଇଲା । ପାଟି ଶୁଣି ଢାବାରେ ଥିବା ସମସ୍ତ ଡ୍ରାଇଭରମାନେ ଦୌଡି ଆସିଲେ । ପାଟି ଶୁଣି ଡିଜେଲ ଚୋରମାନେ ମଧ୍ୟ ଦୌଡିବାକୁ ଉଦ୍ୟମ କରୁଥିବା ବେଳେ ଜଣେ ଚୋରକୁ ଡ୍ରାଇଭରମାନେ କାବୁ କରିଥିବା ବେଳେ ଅନ୍ୟ ଜଣେ ଚୋର କୌଶଳକ୍ରମେ ଖସିଯିବାକୁ ସକ୍ଷମ ହୋଇଥିଲା । ତେବେ ଖସି ପଳାଇଯାଇଥିବା ଡିଜେଲ ଚୋର ଜଣକ ହେଲା ଝାଡଖଣ୍ଡ ଅଚଂଳ ମଝିଗାଁ ଥାନା ଚତୁରିସାହି ଗ୍ରାମର ଓକିଲ ଦଳାଇଙ୍କ ପୁଅ ରାଜିବ୍ ଦଳାଇ (୨୮ବର୍ଷ) ବୋଲି ଜଣାପଡିଛି । ଡ୍ରାଇଭରମାନେ ଡିଜେଲ ଚୋରକୁ ଅଟକ ରଖି ଝୁମ୍ପୁରା ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଁଚି ଚୋରମାନେ ବ୍ୟବହାର କରୁଥିବା ଗାଡି ଏବଂ ୧୦ ଲିଟର ଡିଜେଲ ଥିବା ଏକ ପ୍ଲାଷ୍ଟିକ ଜାରକିନ ଏବଂ ୧୦ଗୋଟି ଖାଲି ପ୍ଲାଷ୍ଟିକ ଜାରକିନ ଜବତ କରିଥିଲେ । ତେବେ ଡ୍ରାଇଭର ମାଜୁରା ମହାରଣାଙ୍କ ଲିଖିତ ଅଭିଯୋଗକୁ ଭିତି କରି ଝୁମ୍ପୁରା ପୁଲିସ କେଶ୍-୧୨୨/୨୨ ରୁଜୁ କରି ଆସାମୀ ବୁଲବୁଲ ବେହେରାକୁ କୋର୍ଟ ଚାଲାଣ କରିବା ସହ ଅନ୍ୟ ଡିଜେଲ ଚୋରକୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବରେନ୍ଦ୍ର ଶିଅଳ ସୂଚନା ଦେଇଛନ୍ତି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ନଭେମ୍ବର ୧୧

# ଚତୁର୍ବର୍ଗ ଫଳପ୍ରାପ୍ତି ଜୀବନର ଲକ୍ଷ୍ୟ !



ଆସକ୍ତି ହିଁ ଦୁଃଖର କାରଣ। ମନୁଷ୍ୟର ବୟସ ସହ ବୁଦ୍ଧି, ବୃତ୍ତିର ମଧ୍ୟ ବିକାଶ ଘଟିଥାଏ। ଏକା ସାଙ୍ଗରେ ଇଚ୍ଛା, କାମନା, ବାସନା ମଧ୍ୟ ବଢ଼ି ବଢ଼ି ଚାଲିଥାଏ। ସମସ୍ତେ ଚାହାନ୍ତି ସୁସ୍ଥ ଅର୍ଥାତ୍ ନିରୋଗ ହୋଇ ଧନ, ସମ୍ପଦର ପ୍ରାଚୁର୍ଯ୍ୟ ଭିତରେ ରହିବାକୁ। ମାତ୍ର ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ସୁଖ ପାଏନାହିଁ। କାରଣ ଧନ, ସମ୍ପଦ, ଯେତେ ବଢ଼ିଲେ ବି ସିଏ ଆହୁରି ଅଧିକ ଆଶାକରେ। ଗୋଟିଏ ଇଚ୍ଛାର ପୂର୍ତ୍ତି ପରେ ପରେ ଆଉ ଗୋଟିଏ ଇଚ୍ଛା ସ୍ଥାନୀତ ହୋଇଯାଏ ତାର ମାନସପଟ୍ଟରେ। କାରଣ ଇଚ୍ଛାମାନେ ଅସରନ୍ତି। ଇଚ୍ଛାମାନଙ୍କୁ ପୂରଣ କରୁ କରୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ସମାଜରେ ସିଏ ଥକିପଡ଼େ, ପ୍ରକୃତ ସୁଖ, ଶାନ୍ତିଠୁ ଦୂରେଇ ଯାଇ ମଣିଷ କେବଳ ଧନ ସମ୍ପଦ ଠୁଳ କରିବାରେ ଲାଗିପଡ଼େ। ଯେତେବେଳେ ସମୁଦ୍ର ଭିତରୁ ମା' ମହାଲକ୍ଷ୍ମୀ ଆବିର୍ଭୂତା ହେଲେ ସେତେବେଳେ ପିତା ସମୁଦ୍ର ମା'ଙ୍କୁ ପଚାରିଲେ ସେ କାହାକୁ ବିବାହ କରିବାକୁ ଚାହୁଁଛନ୍ତି!! ମା ମହାଲକ୍ଷ୍ମୀ ଉତ୍ତର ଦେଇଥିଲେ, ଯିଏ ସମ୍ପୂର୍ଣ୍ଣ ଆସକ୍ତି ରହିତ ହୋଇଥିବେ ସିଏ ତାଙ୍କୁ ହିଁ ବିବାହ କରିବେ। ସଂସାର ସାରା ବୁଲିବୁଲି ଶେଷକୁ ମା ଦେଖିଲେ କ୍ଷୀରସାଗର ଭିତରେ ପ୍ରଭୁ ଗୋଲକବିହାରୀ ବିଷ୍ଣୁ ବଡ଼ ନିର୍ଶ୍ଚିନ୍ତରେ ଅନନ୍ତ ଶୟନରେ ଶୋଇଯାଇଛନ୍ତି ଏବଂ ଶେଷରେ ତାଙ୍କୁ ହିଁ ମହା ଆନନ୍ଦରେ ବିବାହ କରିଥିଲେ।

ପ୍ରକୃତରେ ସୁଖୀ ହେବା କିମ୍ବା ଦୁଃଖୀ ହେବା - ଏହା ଆମ ମନର ଏକ ଏକ ଅବସ୍ଥା। ଯିଏ ପ୍ରତ୍ୟେକ ପରିସ୍ଥିତିରେ ସନ୍ତୁଷ୍ଟ ରହିପାରନ୍ତି, ସିଏ ହିଁ ସଦାସୁଖୀ ମଣିଷଟିଏ। ସେଥିପାଇଁ ସଂସ୍କୃତରେ କୁହାଯାଇଛି-*''ଶାନ୍ତି ତୁଲ୍ୟଂ ତପୋ ନାସ୍ତି/ଅଶାନ୍ତସ୍ୟ କୁତଃ ସୁଖମ୍/ନ ତୃଷୟା ସମୋ ବ୍ୟାଧି/ନ ଚ ଧର୍ମୋଦୟା ପରଃ।''*

ଏ ସମ୍ବନ୍ଧରେ ଗପଟିଏ। ଥରେ ଜଣେ ରାଜାଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟିହେଲା, 'ଏ ସଂସାରରେ ସବୁଠାରୁ ସୁଖୀ କିଏ ?' ରାଜ କର୍ମଚାରୀଗଣ ଚତୁର୍ଦ୍ଦିଗ ଖେଦିଗଲେ ଏବଂ ଶେଷରେ ଗୋଟିଏ ଅତି ଦରିଦ୍ର ଲୋକଟିକୁ ରାଜାଙ୍କ ପାଖକୁ ଧରି ଆଣିଲେ। ରାଜା ବୁଝିପାରିଲେ ନାହିଁ ଯେ କେମିତି ଜଣେ ଦରିଦ୍ର ଲୋକ, ଯିଏ କଠିନ ପରିଶ୍ରମ କଲେ କିଛି ଉପାର୍ଜନ କରିପାରୁଛି, ଯାହାର ଖାଇବା ପିଇବା ଓ ରହିବାର ଠିକ୍ ଠିକଣା ନାହିଁ, ନଈ କୂଳରେ ବସି ପବନ ଖାଇ ବଂଶୀ ବଜାଉଥିଲା ବୋଲି କେମିତି ସବୁଠାରୁ ସୁଖୀ ମଣିଷ ବୋଲି ଭାବି ତାକୁ ଧରି ଆଣିଲେ। ସେ ଲୋକ କେମିତି ସବୁଠାରୁ ସୁଖୀ ଲୋକ ତାହା ମୁଁ ବୁଝିପାରୁନାହିଁ। ରାଜା ମନ୍ତ୍ରୀଙ୍କୁ କହିଲେ ସେ ଲୋକ କଦାପି ସବୁଠାରୁ ସୁଖୀ ଲୋକ ହୋଇପାରିବ ନାହିଁ। ସେମିତି ଜଣକୁ ମୋ ପାଖକୁ ଡାକ। ମୁଁ ଦେଖେ।

ସେମିତି ଦରିଦ୍ର ଅଥଚ ବଂଶୀ ବଜାଉଥିବା ପରମ ସୁଖୀ ଲୋକକୁ ଅଣାଗଲା। ତାକୁ ରାଜା ରାଜ୍ୟରୁ ଅଧେ ଦେଇଦେଲେ। ସେ ରାଜା ହୋଇଗଲା। ଆରାମରେ ରହିଲା, ଯାହା ଚାହିଁଲା ଖାଇଲା। ନରମ ଗଦିରେ ଶୋଇଲା, ହୁକୁମ ଦେବା ମାତ୍ରକେ ତାର କାମ ହୋଇଗଲା। ରାଜା ମନ୍ତ୍ରୀଙ୍କୁ କହିଲେ-ଏବେ ସେ ବୁଝିପାରୁଥିବ ସେ ଅସଲ ସୁଖ ବୋଲିଲେ କ'ଣ ? ତା ମନରୁ ଭ୍ରାନ୍ତି ଦୂରେଇ ଯାଇଥିବ।

କିଛିଦିନ ପରେ ଦିନେ ସକାଳେ ରାଜା ଖବର ପାଇଲେ ଯେ ନୂଆ ରାଜା କୁଆଡ଼େ ଚାଲିଯାଇଛନ୍ତି। ସେ ସାଙ୍ଗରେ କିଛି ନେଇ ନାହାନ୍ତି। ନିଜର ପୁରୁଣା ପୋଷାକ ପିନ୍ଧି ବଂଶୀଟି ଧରି ଚାଲି ଯାଇଛନ୍ତି। ଗଲାବେଳେ ଚିଠିରେ ଲେଖିଯାଇଛନ୍ତି, 'ଏଠି ସବୁ ପାଇଥିଲି, କିନ୍ତୁ ଶାନ୍ତି ନିଦ୍ରା ପାଇଲିନି। ତେଣୁ ଚାଲିଯାଉଛି।' ରାଜା ମନ୍ତ୍ରୀଙ୍କୁ କହିଲେ-ଏ ଲୋକ ହେଉଛି ଘୁଷୁରି। ଯାକୁ ପାଚିଲା କଦଳୀ ଭଲ ଲାଗିଲା ନାହିଁ। ମନ୍ତ୍ରୀ କହିଲେ-ନା, ମହାରାଜ ପ୍ରକୃତରେ ଯିଏ ସୁଖୀ ସେ ଶାନ୍ତିରେ ନିଦ୍ରା ଯାଇପାରେ। ଆପଣ ଶାନ୍ତିରେ ଶୋଇ ପାରୁଛନ୍ତି କି ? ରାତିରେ ଶାନ୍ତିରେ ଶୋଇବ ବୋଲି ଯିଏ ରାଜପଦ ଛାଡ଼ି ଦେଉଛି, ଭାବୁଛନ୍ତି ତାର ଅନ୍ୟ କିଛି ଦୁଃଖ ଓ ଅଭାବବୋଧ ଥିବ ବୋଲି ? ପ୍ରକୃତରେ ନିଜ ମନ ତଥା ଇନ୍ଦ୍ରିୟମାନଙ୍କ ଉପରେ ବିଜୟ ହାସଲ କରିପାରିଛି ଯିଏ ସିଏ ହିଁ ଜିତେନ୍ଦ୍ରିୟ, ସିଏ ହିଁ ସଦାସୁଖୀ। ଆମର ସମସ୍ତ ଇନ୍ଦ୍ରିୟଗୁଡ଼ିକ ପ୍ରାୟତଃ ବହିର୍ମୁଖୀ। ମନ ଇଚ୍ଛାରୂପୀ ଡେଣା ମାଧ୍ୟମରେ ଏହି ଇନ୍ଦ୍ରିୟମାନଙ୍କୁ ନେଇ ସ୍ୱଇଚ୍ଛାରେ ଭ୍ରମଣ କରିବାକୁ ସର୍ବଦା ଚେଷ୍ଟା କରୁଥାଏ। ମାତ୍ର ଏହି ମନ ଉପରେ ବିବେକ ବା ବୁଦ୍ଧି ରୂପୀ ଲଗୁଡ଼ର ପ୍ରହାର ନ ହେଲେ ସେ ସହଜରେ ନିୟନ୍ତ୍ରିତ ହୋଇପାରେ ନାହିଁ।

ମାତ୍ର ଗୋଟିଏ ଇନ୍ଦ୍ରିୟ ଦ୍ୱାରା ଆକର୍ଷିତ ହୋଇ ମୃଗ (ଶବ୍ଦଦ୍ୱାରା), ହସ୍ତୀ (ସ୍ପର୍ଶ ଦ୍ୱାରା), ପତଙ୍ଗ (ରୂପ ଦ୍ୱାରା), ମତ୍ସ୍ୟ (ରସଦ୍ୱାରା), ଭ୍ରମର (ଗନ୍ଧଦ୍ୱାରା) ମୃତ୍ୟୁମୁଖରେ ପତିତ ହୋଇଥାଆନ୍ତି, ଅଥଚ ମଣିଷ ଏକା ସଙ୍ଗରେ ଏ ସମସ୍ତ ବିଷୟଦ୍ୱାରା ଆକର୍ଷିତ ହୋଇଥାଏ। ତେଣୁ ଯେ ବୁଦ୍ଧିମାନ ସିଏ ବେଳ ଥାଉ ଥାଉ ମନ ସହ ଏକାଦଶ ଇନ୍ଦ୍ରିୟକୁ ଯଥାସମ୍ଭବ ନିୟନ୍ତ୍ରିତ କରି ରଖିଥାଏ। ଅତି ସରଳ ଭାଷାରେ କହିଲେ, ମନ ଉପରେ ବିଜୟ ହାସଲ କରିଥିବା ବ୍ୟକ୍ତି ହିଁ ସୁଖୀ ମଣିଷରେ ଅନ୍ତର୍ଭୁକ୍ତ। ସେଥିପାଇଁ କୁହାଯାଇଛି-*''ରାଜ୍ୟ ଜିଣିଲେ ରାଜା ଲଭଇ ଖ୍ୟାତି/ବୀର ସମର ଜିଣି ରଖେ କୀରତି। ନିଜ ହୃଦୟ ଯେହୁ ପାରଇ ଜିଣି/ସଂସାରେ ସେହୁ ବୀର ମଉଡ଼ମଣି।''*

ରାଜା ଯଯାତି ପୁତ୍ର ପୁରୁଙ୍କର ଯୌବନ ନେବା ପରେ ମଧ୍ୟ ସନ୍ତୁଷ୍ଟ ହୋଇପାରି ନ ଥିଲେ। ଦିଗ୍‌ବିଜୟୀ ବୀର ଆଲେକ୍‌ଜାଣ୍ଡର ଏତେ ରାଜ୍ୟ ଜୟ କଲାପରେ ମଧ୍ୟ ରାଜ୍ୟ ଜୟର ନିଶା ତୁଟି ନଥିଲା ଜୀବନଦୀପ ନିର୍ବାପିତ ହେବା ପର୍ଯ୍ୟନ୍ତ। ସେଥିପାଇଁ ବୁଦ୍ଧଦେବ ରାଜପ୍ରାସାଦ, ସୁନ୍ଦରୀ ପତ୍ନୀ, ରାଜପୁତ୍ର ସବୁକିଛି ତ୍ୟାଗ କରି ନିଶାର୍ଦ୍ଧରେ ଚାଲି ଯାଇଥିଲେ ଜୀବନର ମହାସତ୍ୟକୁ ଆବିଷ୍କାର କରିବାକୁ। ଚଣ୍ଡାଶୋକ ଲକ୍ଷ ଲକ୍ଷ ଓଡ଼ିଆ ବୀରଙ୍କୁ ହତ୍ୟା କରି ମର୍ମାହତ ହେଲେ। ଧର୍ମାଶୋକରେ ପରିବର୍ତ୍ତିତ ହୋଇ ଶପଥ ନେଲେ ଧର୍ମର ପ୍ରଚାର କରିବେ, ଶାନ୍ତିର ବାର୍ତ୍ତା ପ୍ରସାର କରିବେ, ପୁରପଲ୍ଲୀରେ, ଘରେ ଘରେ। ତରବାରୀର ଜୟ ପ୍ରକୃତ ଜୟ ନୁହେଁ, ହୃଦୟର ଜୟ ହିଁ ପ୍ରକୃତ ଜୟ। ସୁଖ, ଶାନ୍ତି, ଆନନ୍ଦ ଲାଭର ସୂତ୍ର ଆମରି ଭିତରେ ଅଛି। ଜୀବନର ମାର୍ଗ ସହଜ ହେଉ, ସରଳ ହେଉ, ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ଫଳପ୍ରାପ୍ତି ଜୀବନର ଲକ୍ଷ୍ୟ ହେଉ।

**ଡ. ପ୍ରତିଭା ମହାରଥୀ**, ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯

## ଆଜିର ଅନୁଚିନ୍ତା

*ସଂସାରର ବ୍ୟବହାରକୁ ଜାଣିଥିବା ବ୍ୟକ୍ତି ହେଉଛି ସର୍ବଜ୍ଞ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସାହିତ୍ୟକ୍ଷେତ୍ର : ଧର୍ମକ୍ଷେତ୍ର ନା ଯୁଦ୍ଧକ୍ଷେତ୍ର

ମାୟାଧର ନାୟକ



ରସିକ ରାଜ୍ୟ ହିସାବରେ ଓଡିଶାର ପଟାନ୍ତର ପୃଥିବୀରେ ବିରଳ । ଏଠି ବିଳାସ ଓ ସମ୍ଭୋଗରେ ଦିନ କଟିଯାଉଥିଲା । ଓଡିଶାର ସାହିତ୍ୟ ସୂଚନା ଦେଉଛି– ଏଠି ମରୁଡି ନଥିଲା, ଭ୍ରଷ୍ଟାଚାର, ଦୁର୍ନୀତି ନଥିଲା, ହତ୍ୟା, ଲୁଣ୍ଠନ, ରାହାଜାନୀ, ବ୍ୟଭିଚାର କିଛି ନଥିଲା – ଏପରିକି ବିଶ୍ୱର ମହାଖଣି ଦୁର୍ନୀତି ବି ନ ଥିଲା । ଏଠି ସବୁ ନାରୀମାନେ ସତୀ ଥିଲେ, ସବୁ ପୁରୁଷମାନେ ବ୍ରହ୍ମଚାରୀ ଥିଲେ ।

ରସିକ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କଠାରୁ ଆରମ୍ଭ କରି କବିସୂର୍ଯ୍ୟ ବଳଦେବ ରଥଙ୍କ ପର୍ଯ୍ୟନ୍ତ ଗାଧୁଆ ତୁଠରେ ରାଜଜେମାଙ୍କ ଭିଜାଭିଜା ଶାଢିର ଚମତ୍କାର ଯୌବନକୁ କବିତାରେ ବର୍ଣ୍ଣନା କରିଛନ୍ତି । ଏପରିକି ଆଧୁନିକ ଯୁଗର ମହାନ କବି ସଚ୍ଚି ରାଉତରାୟ ଗାଁରେ ବୁଲୁବୁଲୁ ପୋଖରୀକୂଳ ଗାଧୁଆ ତୁଠରେ ଗାଧୋଉଥିବା ନାରୀର ଛୋଟପୁଅଟି ତାଙ୍କୁ ବାପା ବୋଲି ଡାକିଦେବାରୁ ସେଇ ଅପୂର୍ବ ସୁନ୍ଦରୀ ନାରୀଟି ଲାଜେଇଯାଇ ଓଦାଲୁଗାର କାନି ଯାବୁଡି ମୁରୁକି ହସି ଦେଇଥିଲା । ସଚ୍ଚି ବାବୁଙ୍କ କଲମ ବୋଲ ମାନିଲା ନାହିଁ – ଘରକୁ ଆସି କବିତାଟିଏ ଲେଖିଦେଲେ – 'ବାପା ବାପା ପକାଇଲା ହୁରି' ! ଏମାନେ କାହାକୁ ଛାଡି ନାହାଁନ୍ତି – ଫୁଲକୁ ଛାଡିନାହାଁନ୍ତି କି ଫୁଲେଇକୁ ଛାଡିନାହାଁନ୍ତି ।

ଆଜିର ସାହିତ୍ୟକୁ କହିବାକୁ କ୍ଷୋଭ ଲାଗେ ଯେ-ମୁଖ୍ୟତଃ ଚରିତ୍ରହୀନତାର ସାହିତ୍ୟ । ଘଟଣା, ଚରିତ୍ର ଓ ପରିସ୍ଥିତିର ପରିଧିରେ ସାହିତ୍ୟ ସେଇ ଲୋହିତ କେନ୍ଦ୍ର, ଯାହା ବିଧାତାପୁରୁଷର ନାଭିକେନ୍ଦ୍ରଠାରୁ ସୁଦ୍ଧା କିଛି କମ୍ ନୁହେଁ । ଏହି ଲୋହିତ କେନ୍ଦ୍ରର କମ୍ପନ ସମାଜକୁ ଥରାଇ ଦିଏ, ସଂସ୍କୃତିକୁ ଜୀବନ୍ୟାସ ଦିଏ ଏବଂ ସମୟକୁ ରଖିଦିଏ ହାତମୁଠାରେ । ସେ ସାହିତ୍ୟ କିନ୍ତୁ ଆଜି କେଉଁଠି ? ସର୍ଜନା ନାମରେ ଆଜି ଅପର୍ଯ୍ୟାପ୍ତ ଆବର୍ଜନା । ଆଜିର ଜୀବନଧାରା ସାହିତ୍ୟ ପାଇଁ ଅବାନ୍ତର ହୋଇପଡିଲାଣି ।

ସକ୍ରେଟିସ୍ ଦିନ ଦି'ପହରେ ବତି ଜାଳି ମଣିଷ ଖୋଜିଲାପରି ଆଜି ସାହିତ୍ୟକୁ ମଧ୍ୟ ଏ ଦାରୁଣ ଦୁଷ୍କାଳ ମଧ୍ୟରେ ପୁନଃଆବିଷ୍କାର କରିବାକୁ ପଡିବ, ସନ୍ଧାନ କରିବାକୁ ପଡିବ ଉପାଦେୟ ବିଷୟବସ୍ତୁ ସହ ଉପଯୁକ୍ତ ଚରିତ୍ର । ଲେଖକଟିଏ ପ୍ରଥମେ ମଣିଷଟିଏ ହେବା ନିହାତି ଜରୁରୀ । ଫକୀରମୋହନ ରାମଚନ୍ଦ୍ର ମଂଗରାଜ ପରି ଅମଣିଷକୁ ନିଜ ସାହିତ୍ୟର ସ୍ପର୍ଶ ଦେଇ ବିଶ୍ୱବିଦିତ କରାଇ ସାରିଛନ୍ତି । ଏହାର ମୂଳକାରଣ ହେଉଛି – ସାରିଆ-ଭଗିଆ ଭଳି ମଣିଷ ଉପରେ ଜୁଲମ୍ ତାଙ୍କ ଆଖିରେ ଆଣିଥିଲା ଅସରନ୍ତି ବେଦନାର ଛାପ । ମଣିଷ ପ୍ରତି ଶୁଭେଚ୍ଛା ଓ ଅମଣିଷ ପ୍ରତି ପ୍ରତିବାଦ ପ୍ରତ୍ୟେକ ସତ୍‌ସାହିତ୍ୟର ସ୍ୱଧର୍ମ ।

ମାଟିର ମହାକବି ଶାରଳା ଦାସଙ୍କଠାରୁ ଆରମ୍ଭ କରି ମଣିଷର ମୂର୍ତିକାର ଫକୀରମୋହନଙ୍କ ପର୍ଯ୍ୟନ୍ତ ଆମ ସାହିତ୍ୟରେ ବାଟି ବାଟି କିଆରି କି ଅନାନ୍ତୁ, ଦେଖିବେ ଫୁଲଫସଲର ପ୍ରାଞ୍ଜଳ ପ୍ରାଚୁର୍ଯ୍ୟ । ଅଥଚ ଏକ ଦୀର୍ଘ ବ୍ୟବଧାନ ପରେ ଅଳ୍ପ କେତେକ ବ୍ୟତିକ୍ରମକୁ ବାଦ ଦେଲେ ଆମେ ଏବେ ଲକ୍ଷ୍ୟ କରୁଛୁ ଯେ – ଓଡିଆସାହିତ୍ୟ ହରାଇ ବସିଛି ତା'ର ମୂଳ ଚରିତ୍ର । ବୁଦ୍ଧି ପ୍ରକଟିତ ହେଉଛି, ମାତ୍ର ସେ ବୁଦ୍ଧିବିବେକବର୍ଜିତ ଓ ବିଚାରବିହୀନ । କୁରୁକ୍ଷେତ୍ରକୁ ଯେତେବେଳେ ବ୍ୟାସ ବର୍ଣ୍ଣନା କଲେ, ସେତେବେଳେ ସେ ଯୁଦ୍ଧକ୍ଷେତ୍ରକୁ ଧର୍ମକ୍ଷେତ୍ରରେ ବିବର୍ତ୍ତିତ କଲେ । ଆମ ସମୟର ବ୍ୟାସମାନେ କିନ୍ତୁ ସାହିତ୍ୟ ପରି ଏକ ଧର୍ମକ୍ଷେତ୍ରକୁ ଯୁଦ୍ଧକ୍ଷେତ୍ରରେ ପରିବର୍ତ୍ତନ କରିସାରିଛନ୍ତି । ଏ ପ୍ରକାର ଓଲଟ ଙାଂଚା ଆମ ମାନସିକତାରୁ ମାନବତାବାଦକୁ ମୂଳପୋଛ କରିସାରିଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ ।

ସାହିତ୍ୟର ବିଷୟବସ୍ତୁ କ'ଣ ? ଯାହା ଲକ୍ଷ୍ୟ କରାଯାଉଛି – ଆଜି ବସ୍ତୁ ହିଁ ବିଷୟ ! ଅଥଚ ବିଶ୍ୱସାହିତ୍ୟର ଅମର ଅର୍ଘ୍ୟସବୁ ଭାବଭିତିକ । ସାହିତ୍ୟକୁ ନେଇ ଲେଖକଟିଏ କେବେହେଲେ ବାଣିଜ୍ୟ ବା ବ୍ୟବସାୟ କରେନା – ଲେଖା ତା'ର ବୃତି ନୁହେଁ, ପ୍ରବୃତି । ଏବେ କିନ୍ତୁ ଦେଖାଯାଉଛି – ଅଧିକାଂଶ ଲେଖକ ବଜାର ଆଗରେ ଆତ୍ମସମର୍ପଣ କରିସାରିଥିବା ଏକ ଏକ ଅସହାୟ ଅସ୍ତିତ୍ୱ । ଲେଖକର ଯାହା ଛଳଛଳ ଭାବ – ଆଜି ସାହିତ୍ୟରେ ତା'ର ଘୋର ଅଭାବ । ବହିଟିଏ ଲେଖିଲା ବେଳକୁ ତା'ର ମନେପଡୁଛି – ବଜାରର ତାଗିଦା ଓ ଚାହିଦା, ଅତଏବ ଦୁଃଖର ସହ ଘୋଷଣା କରିବାକୁ ପଡୁଛି ଯେ – ବର୍ତମାନର ସାହିତ୍ୟ ବଜାରୀକରଣ ପ୍ରକ୍ରିୟାରେ ପ୍ରଚୁର ଭାବରେ ଉତ୍ପୀଡିତ ।

ବଜାରୀ ବିଷୟବସ୍ତୁ ଆଜି ସାହିତ୍ୟର ମୁଖ୍ୟ ଉପାଦାନ । ଘଟଣା ଅଛି – ଚରିତ୍ର ନାହିଁ – ମୂଲ୍ୟ ଅଛି– ମୂଲ୍ୟବୋଧ ନାସ୍ତି । ଆମ ଶୋଭାଯାତ୍ରା ମଫସଲରୁ ମହାନଗରୀକୁ ମୁହାଁଉଥିଲାବେଳେ ଆମ ସାହିତ୍ୟର ଦଶା ଏମିତି । ଆଜିର ଦ୍ରୁତ ଶିଳ୍ପାୟନ ସାହିତ୍ୟକୁ କରିସାରିଛି ସୁଖକର ସାମଗ୍ରୀ ମଧ୍ୟ । ସାହିତ୍ୟ କହିଲେ – ଆମେ କେବଳ ବୁଝୁଛୁ – ଗୁଡିଏ ବ୍ୟବହାରିକ ଓ ବୈଷୟିକ ତଥ୍ୟ ଉପରେ ପରିପୁଷ୍ଟ ଗଦାଗଦା ବହିର ପାହାଡ, ଯେଉଁଠି ସମାଜର ଚାପାକାନ୍ଦଣା ଶୁଭେନା – ଆଉ ଶୁଭେନା ଇତିହାସର ଆର୍ତନାଦ ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ଆସିବା – ସାହିତ୍ୟ ଓ ସରକାର । ପୂର୍ବେ ସାମନ୍ତବାଦୀ ବ୍ୟବସ୍ଥାରେ ସୁଦ୍ଧା ସାହିତ୍ୟକୁ ଯେଉଁ ରାଜକୀୟ ପୃଷ୍ଠପୋଷକତା ମିଳୁଥିଲା – ତା'ର ଶ୍ରେଷ୍ଠ ନମୁନା ସ୍ୱରୂପ ଆମେ ବିକ୍ରମାଦିତ୍ୟଙ୍କ ଅମଳରେ ମହାକବି କାଳିଦାସଙ୍କ କଥା ଉଲ୍ଲେଖ କରିପାରିବା । ଗୋଟିଏ ଶ୍ଳୋକପାଇଁ ଗୋଟିଏ ସୁନାମୋହର ଥିଲା ସେଦିନର ରାଜକୀୟ ପୃଷ୍ଠପୋଷକତାର ଅପୂର୍ବ ଇସ୍ତାହାର । ଆଜି କିନ୍ତୁ ଯିଏ ସାହିତ୍ୟ ଲେଖେ – ସେ ଯଦି ପ୍ରକୃତ ସାଧକ, ତା'ହେଲେ ତା'ର ସମଗ୍ର ଜୀବନ ଉତ୍କଟ ଦାରିଦ୍ର୍ୟର ଉର୍ଦ୍ଧ୍ୱଶ୍ୱାସ । ଏଭଳିକି – ଗଂଗାଧରଙ୍କ ପରି ସ୍ୱଭାବକବିଙ୍କ ସ୍ୱର ମଧ୍ୟ ମନରୁ ଲିଭିନାହିଁ । 'ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନସର' ତା'ଛଡା ସାଧକ ସାହିତ୍ୟିକଙ୍କର ଜୀବନ ସହିତ ଦାରିଦ୍ର୍ୟ କିପରି ଏକୀଭୂତ– ବିଦ୍ରୋହୀ କବି କାଜି ନଜରୁଲ ଇସଲାମଙ୍କର ଏ ଶାଣିତ ପଂକ୍ତି ମଧ୍ୟ ଏ କ୍ଷେତ୍ରରେ ସ୍ମରଣୀୟ । 'ହେ ଦାରିଦ୍ର୍ୟ ତୁମେ ମୋତେ କରିଛ ମହାନ ।'

ବନ୍ଧୁଗଣ ! ଗଂଗାଧରଙ୍କଠାରୁ ଆରମ୍ଭ କରି ନଜରୁଲଙ୍କ ପର୍ଯ୍ୟନ୍ତ ମହାନ ସାହିତ୍ୟିକମାନେ ପରମ ଉଦାରତାର ସହିତ ଆମମାନଙ୍କୁ ବିମଳ ଆନନ୍ଦ ଦେବାପାଇଁ ନିଜନିଜ ନିକ୍ଷେପିତ ଜୀବନରେ ଚରମ ଦାରିଦ୍ର୍ୟକୁ ବରଣ କରିନେଲେ ବୋଲି ଆମେ କ'ଣ ସମସ୍ତପ୍ରକାର କର୍ତବ୍ୟବୋଧ ବିସ୍ମୃତ ହୋଇ ସାହିତ୍ୟିକଶ୍ରେଣୀକୁ ଏକ ଚିରଦୁର୍ଗତ ଦଳିତ ଦରିଦ୍ର ଗୋଷ୍ଠୀରେ ସବୁଦିନପାଇଁ ଥଇଥାନ କରି ରଖିଥିବା ?

ଏ କ୍ଷେତ୍ରରେ ସାହିତ୍ୟ ପ୍ରତି ସରକାରଙ୍କର ଭୂମିକା ଏକ ପଙ୍ଗୁର ଭୂମିକା । ସରକାରୀ ନିଷ୍କ୍ରିୟତାର ଶିକାର ଆଜିର ସାହିତ୍ୟ । ଯେଉଁ ସରକାର ଏ ମାଟିର ପାତାଳରୁ ମଧ୍ୟ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଟି ଚାଲିଛି – ସେଥିରୁ କାଣିଚାଏ ମଧ୍ୟ ସାହିତ୍ୟ ପାଇଁ ଖର୍ଚ୍ଚ କରିବାକୁ ନାରାଜ । କେନ୍ଦ୍ରରୁ ରାଜ୍ୟକୁ ମିଳୁଥିବା କୋଟି କୋଟି ଟଙ୍କାର ସହାୟତା ରାଶି ଖର୍ଚ୍ଚ ନ କରିପାରି ରାଜ୍ୟ ସରକାର କେନ୍ଦ୍ରକୁ ଫେରାଇ ଦେବାକୁ ବାଧ୍ୟ । ମାତ୍ର ସାହିତ୍ୟର ଶୋଷପାଇଁ ବୁନ୍ଦେ ଜଳଦାନ କରିବାରେ ମଧ୍ୟ ଏ ରାଜ୍ୟରେ କି ସରକାରୀ କାର୍ପଣ୍ୟ ! ପାଠାଗାରମାନଙ୍କ ପାଇଁ ପୁସ୍ତକ ମନୋନୟନ ସମୟରେ ପ୍ରକୃତ ଲେଖକ ସାଧକମାନଙ୍କର ସୃଷ୍ଟି ଉପେକ୍ଷିତ । ବହି କହିଲେ – ବର୍ତମାନ ଯାହା ଲେଖା ଯାଉଛି – ସେଥିରୁ ଅଧିକାଂଶ ଭବିଷ୍ୟତର ଠୁଙ୍ଗା ।

ଅସଲ ସାହିତ୍ୟର ଅନୁକୂଳ ବାତାବରଣ ସୃଷ୍ଟି କରିବା ଦିଗରେ ତା'ହେଲେ ସରକାର ପଛାଉଛନ୍ତି କାହିଁକି ? ସମ୍ଭବତଃ ଅସଲ ସାହିତ୍ୟ ଯେଉଁ ସଜାଗତା ଓ ସଚେତନତା ସୃଷ୍ଟି କରିବାରେ ସମର୍ଥ, ସେଥିପ୍ରତି ସରକାର ଆତଙ୍କିତ । କାରଣ – ଅସଲ ସାହିତ୍ୟ – ଶିଶୁକୁ ଯୀଶୁଖ୍ରୀଷ୍ଟ କରେ ଏବଂ ତରୁଣକୁ କରେ ତୀବ୍ର ତଲ୍‌ୱାର୍ । ସରକାର କ'ଣ ଠିକାଦାର କିମ୍ବା ଖଣିମାଲିକଙ୍କ ଅପେକ୍ଷା ଯୀଶୁଖ୍ରୀଷ୍ଟ ଆଉ ତଲ୍‌ୱାରମାନଙ୍କୁ ଖୋଲାମନରେ ଗ୍ରହଣ କରିପାରିବ ! କୌଣସି ରାଷ୍ଟ୍ରର ଶାସନତନ୍ତ୍ର କିମ୍ବା କୌଣସି ରାଜ୍ୟର ସରକାର ବିପ୍ଳବକୁ ବରଦାସ୍ତ କରିପାରେନା । ଅସଲ ସାହିତ୍ୟ ପାଠ କରେ ଏ ବିପ୍ଳବର ବୀଜମନ୍ତ୍ର । ସରକାରଙ୍କର ପ୍ରତିବିପ୍ଳବୀ ଚରିତ୍ର ଅସଲ ସାହିତ୍ୟର ଶୁଭାରମ୍ଭ କ୍ଷେତ୍ରରେ ତେଣୁ ଘୋର ବାଧକ ହେବାକୁ ବାଧ୍ୟ । ମୁଁ ଦାବୀ କରୁଛି – ସାହିତ୍ୟକୁ ଏବେଠୁଁ ସରକାର ଶିଳ୍ପର ମାନ୍ୟତା ଦେବାକୁ ଘୋଷଣା କରନ୍ତୁ, ନହେଲେ ଅଦୂର ଭବିଷ୍ୟତରେ ଏପରି ଦୁଃସ୍ଥିତି ସୃଷ୍ଟି କରିବ ସାହିତ୍ୟର ସ୍ୱାସ୍ଥ୍ୟ ପ୍ରତି ଏକ ଘୋର ସଂକଟ ।

ଏବେ ଓଡିଆ ସାହିତ୍ୟର ସାଂପ୍ରତିକ କ୍ଷେତ୍ରରେ ଭଦ୍ର ଓ ଭବ୍ୟ ଲେଖକମାନଙ୍କର ଭାଗ୍ୟ ବିଡମ୍ବିତ ଓ ବିପର୍ଯ୍ୟସ୍ତ । ବାହାରିଛନ୍ତି ବ୍ୟୂହରଚନାକାରୀ ଦଳେ ଗୃହଯୋଦ୍ଧା – ଯେଉଁମାନେ ନିଜ ଘରେ ନିଜେ ନିଆଁ ଲଗାଇ ସାହିତ୍ୟର ଶୀତରତୁକୁ ବେଶ୍ ଆରାମ୍‌ରେ ପୁଆଁଇଚାଲିଛନ୍ତି ଓ ପୁହାଇଚାଲିଛନ୍ତି । ସେମାନେ ସାହିତ୍ୟକୁ ନେଇ ବିବାଦୀୟ ବ୍ୟାପାରଗୁଡିକୁ ବିସ୍ତାରିତ କରିଚାଲିଛନ୍ତି ଏବଂ ସଜ୍ଜନ ଲେଖକଲେଖିକାମାନଙ୍କ ଲାଂଛିତ କରି ନାରକୀୟ ଆନନ୍ଦଲାଭ କରୁଛନ୍ତି । ଗୋଟିଏ ବହି ଯଦି ପୁରସ୍କାର ପାଇଲା, ତେବେ ପୁରସ୍କୃତ ଲେଖକ / ଲେଖିକା ଏବେ ପୁଲକିତ ହେବେ କଣ ଓଲଟି ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଛନ୍ତି । କାରଣ ଏ ପୁରସ୍କାର ତାଙ୍କୁ ତିରସ୍କାରଆଡେ ମୁହାଁଇନେଇପାରେ, ବିତର୍କର ଭଉଁରିରେ ସେମାନେ ହୋଇପାରନ୍ତି ନିର୍ଘାତ ନୟାନ୍ତ ! ମୁଁ ଘୋର ନିନ୍ଦା କରୁଛି ପରଶ୍ରୀକାତର ନିନ୍ଦୁକ ବିତର୍କସ୍ରଷ୍ଟାବର୍ଗଙ୍କୁ– ଯେଉଁମାନେ ସାଧନାରତ ଲେଖକ/ଲେଖିକାମାନଙ୍କୁ ଅଭିନନ୍ଦନ ଦେବା ବଦଳରେ ଉପହାର ଦେଉଛନ୍ତି ଅପନିନ୍ଦା ଓ ଅପଖ୍ୟାତି । ଦୁଃଖର ବିଷୟ ଯେ ଏ ନିନ୍ଦୁକମାନେ ପାଠକ ନୁହନ୍ତି, ଏମାନେ ଲେଖକଶ୍ରେଣୀ ମଧ୍ୟରେ ଛପିରହିଥିବା କିଛି ଛଦ୍ମବେଶୀ ବିଭୀଷଣ– ଗୃହଶତ୍ରୁ ! ମିଡିଆଠୁ ଟିଭି ଚ୍ୟାନେଲଯାଏଁ ସବୁଠି ଏମାନେ ସକ୍ରିୟ – ବିତର୍କର ବିଷଚକ୍ର ଦ୍ୱାରା ଏମାନେ ଅସୁସ୍ଥ କରିଚାଲିଛନ୍ତି ଆମ ସାହିତ୍ୟକୁ । ଏମାନଙ୍କୁ ପ୍ରୋତ୍ସାହନ ନେଇ ଆମେ କ'ଣ ସାହିତ୍ୟ ପ୍ରତି ପ୍ରବଂଚନା କରୁନାହୁଁ ? ବର୍ତମାନ ଏ କଥା ପ୍ରକୃତରେ ବିଚାରିବାର ବେଳ ।

ଲେଖକମାନେ ମଂଚ ହେଉ କି ପଂଚତାରକା ହୋଟେଲର ବର୍ଣ୍ଣାଢ୍ୟ ପରିସର ହେଉ–ସବୁ ପ୍ରକାର ମୋହ ଛାଡି ଗୌତମ ବୁଦ୍ଧଙ୍କ ପରି ଅଶ୍ୱତ୍ଥ ବୃକ୍ଷ ମୂଳେ ଅନ୍ତତଃ ଧ୍ୟାନସ୍ଥ ନ ହେଲେ ନାହିଁ– ରାସ୍ତାକଡର ବରଗଛ ତଳେ ଏକାଠି ହୁଅନ୍ତୁ । ସେଇ ରାସ୍ତାରୁ ଆରମ୍ଭ ହେଉ ସାହିତ୍ୟର ସେମିନାର, ସାହିତ୍ୟିକଙ୍କର ଶୁଭ-ଶୋଭାଯାତ୍ରା ।

*–ଯାଜପୁର ରୋଡ, ଯାଜପୁର*
*ମୋ : ୯୮୬୧୦୩୪୧୬୩*

# ଆସ ଓହ୍ଲାଇ ଦେବା ବୋଝ !

----------ରାଜୀବ ଗୋପାଳ ସ୍ୱାଇଁ----------

ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ କିଛି ଜିନିଷର ସ୍ଥାନ ପରିବର୍ତ୍ତନ ବେଳେ ମୁଣ୍ଡ, ପିଠି ବା କାନ୍ଧ ଉପରେ ତା'ର ଓଜନକୁ ଶରୀର ଧାରଣ କରେ, ଆମେ ତାକୁ ବୋଝ କହୁ। ସମୟ ସହିତ ନିର୍ଦ୍ଦିଷ୍ଟ ଦୂରତା ଅତିକ୍ରମ କରିଗଲେ, ଉକ୍ତ ବୋଝ ତଳକୁ ଓହ୍ଲାଇ ଯାଏ ଓ ହାଲୁକା ଅନୁଭବ କରେ ମଣିଷ । ମୁଣ୍ଡ କି କାନ୍ଧରେ ବୋଝ ଥିବା ଯାଏଁ ଶରୀର ପାଇଁ ତାହା ଥାଏ ପୀଡା ପ୍ରଦାନକାରୀ । ଶରୀରର ଦକ୍ଷତା ଠାରୁ ଅଧିକ ଓଜନ ଉଠାଇବା ସମ୍ଭବ ହୋଇ ନଥାଏ । ଏଭଳି କଲେ ଆମେ ଆମ ଶରୀରକୁ ହାନି ପହଂଚାଇଥା'ନ୍ତି ।



ହୁଏତ ଆମେ ସମସ୍ତେ, ମେଳା କି ଯାତ୍ରା ବେଳେ ସାନପିଲାଙ୍କୁ ପିଠି, କାଖ କି କାନ୍ଧ ଉପରେ ନିଶ୍ଚୟ ଧରିଥିବା । ଯାତ୍ରା ବୁଲା ଶେଷ ହେଲେ ସେ ବୋଝ ବି ଓହ୍ଲାଇ ଯାଏ । ସାମୟିକ ଭାବରେ କାନ୍ଧ କି ବାହୁରେ ଦରଜ ହୋଇଥାଏ ସତ ହେଲେ ତାହା କିଛି ଦିନ ବ୍ୟବଧାନରେ ଚାଲିଯାଇ ଏକ ସୁନ୍ଦର ସ୍ମୃତି ରୂପେ ଉଭାସିତ ରହିଯା'ନ୍ତି ।

ସ୍ଥୂଳ ବୋଝଟିଏ ଥିଲେ ତାକୁ ତ ଓହ୍ଲାଇ ଦେଇହୁଏ, କିନ୍ତୁ ଏମିତି କିଛି ବୋଝ, ସ୍ଥୂଳ ବୋଝ ପରି ନହୋଇ ବି ମୁଣ୍ଡକୁ ଭାରି ଭାରି ଲାଗିଥା'ନ୍ତି। ସେତେବେଳେ ମୁଣ୍ଡ ବଥାଏ, ବୁଲାଏ । ହୃଦୟ ଭିତରେ ଦରଜ ବଢ଼ି ବଢ଼ି ଯାଏ । ଆଖିରୁ ରାତି ରାତି ନିଦ ଉଡିଯାଇ ମଣିଷକୁ କ୍ଳାନ୍ତ ଓ ଅବଶ କରିଦିଏ । ସେ ବୋଝ ଆଖି ଆଗକୁ ଦିଶେ ନାହିଁ । ତାର ଓଜନର ପରିମାଣ କିମ୍ବା ତାର ଦୈର୍ଘ୍ୟ, ପ୍ରସ୍ଥ ଇତ୍ୟାଦି ମାପି ହୁଏ ନାହିଁ । ଅଥଚ ଜୀବନ ଜୀଇଁବା ପାଇଁ ଏମିତି ଶହ ଶହ, ହଜାର ହଜାର ଛୋଟ ବଡ ଅଗଣିତ ଅଦୃଶ୍ୟ ବୋଝକୁ ମୁଣ୍ଡାଇବାକୁ ହୁଏ । ମୁଣ୍ଡାଇ ନପାରିଲେ ଚାରିପାଖର ସନ୍ତୁଳନ ବିଗିଡେ, ନିଜକୁ ସଜାଡିବା ହୁଏ କଷ୍ଟକର ।

ସଚେତନ ମଣିଷଟିଏ ଏପରି ବୋଝ ବୋହିବା ଏକ ସାଧାରଣ କଥା । କିନ୍ତୁ ସେହି ବୋଝକୁ ସହଜ ଓ ସାବଲୀଳ ଭାବରେ ଓହ୍ଲାଇପାରିବା ହେଉଛି ପାରିବାପଣିଆ । ଅନେକ ସ୍ଥଳେ ସଭ୍ୟ ଶିକ୍ଷିତ ତଥା ସଚେତନ ମଣିଷ ଏଭଳି ବୋଝର ଓଜନକୁ ସମ୍ଭାଳି ନପାରି ଆତ୍ମହତ୍ୟା କରୁଛନ୍ତି । ସଂପ୍ରତି ଏହା ଏକ ଚିନ୍ତାଜନକ ବିଷୟ ପାଲଟିଛି ।

ଅତୀତରେ ନାହିଁ ନାହିଁର ପ୍ରାଚୁର୍ଯ୍ୟ ଓ ଅଭାବର ଅନ୍ଧଗଳି ଭିତରେ ଥିବା ଅଦୃଶ୍ୟ ବୋଝଟି ହଠାତ୍ ଆଧୁନିକତାର ଉଗ୍ର ଉଜ୍ଜ୍ୱଳ ଆଲୋକରେ ତାର ସ୍ୱରୂପକୁ ପରିବର୍ତ୍ତନ କରି ନୂଆ ରୂପ ଧାରଣ କରିଛି । ଏପରିକି ସମସ୍ତଙ୍କ ଅଲକ୍ଷ୍ୟରେ ପିଲାଟିଏ ଜନ୍ମ ନେଉ ନେଉ ସେହି ବୋଝ ତଳେ ଚାପି ହୋଇ ବଢ଼ି ଚାଲେ । ସମାଜରେ କାୟା ବିସ୍ତାର କରିଥିବା ବିଭିନ୍ନ ପ୍ରତିଯୋଗିତା ଭିତରେ ନିଜକୁ ପ୍ରମାଣିତ କରିବା କିମ୍ବା ନିଜେ ତିଷ୍ଠି ରହିବା ପାଇଁ ସେ ସ୍ୱତଃ ସେହି ଅଦୃଶ୍ୟ ବୋଝକୁ ମୁଣ୍ଡାଇବାକୁ ବାଧ୍ୟ ହୁଏ । ନିଜ ପରିଚିତ କିମ୍ବା ପଡୋଶୀ ଅଥବା ଯେଉଁ ସମାଜରେ ଆମେ ରହନ୍ତି ତାକୁ ଦେଖି ପ୍ରତ୍ୟେକ ସ୍ତରରେ ସମାନତା ହାସଲ କରିବାର ଆଗ୍ରହ ଟିକକ ଅନେକ ନୂଆ ନୂଆ ଆର୍ଥିକ, ମାନସିକ ବୋଝକୁ ସ୍ୱତଃ ସୃଷ୍ଟି କରିଥାଏ। ଯେମିତି କି ପଡୋଶୀର ସୁନ୍ଦର ଘର ଦେଖି ଆମେ ନୂଆ ଓ ତାଠୁଁ ଭଲ ଘରଟିଏ କରିବାକୁ ଚେଷ୍ଟା କରିଥା'ନ୍ତି । ବନ୍ଧୁବାନ୍ଧବରେ କି ସାଙ୍ଗସାଥୀରେ ନୂଆଗାଡି ଖଣ୍ଡିଏ ଦେଖିଲେ ନିଜେ ନିଜ ଉପରେ ଚାପ ବଢେଇ, ନୂଆ ଗାଡି ଖଣ୍ଡିଏ କରିବାର ମୋହ ସୃଷ୍ଟି କରାନ୍ତି । ସେଥିପାଇଁ କରଜ ହେଉ ଅବା ବ୍ୟାଙ୍କରୁ ହାଉସିଂ କିମ୍ବା ଭେହିକିଲ୍ ଲୋନ୍ କରିବାକୁ ପଛଘୁଂଚା ଦେଇ ନ ଥା'ନ୍ତି । ଆଉ ଏଥିପାଇଁ ପ୍ରତିମାସରେ ଇ.ଏମ୍.ଆଇ. ରୂପରେ ସୃଷ୍ଟି ହୋଇଥିବା ବୋଝକୁ ମୁଣ୍ଡ ଉପରେ ଲଦି ପ୍ରତିଦିନ ଚାଲିବାକୁ ପଛାଇ ନଥା'ନ୍ତି । ଦେଖାଯାଉଛି ଯେ, ଏହି ଅଦୃଶ୍ୟ ଦୌଡଟି କେବଳ ଆଉ କେବଳ ବୈଷୟିକ ବିକାଶ, ବିଳାସ ଓ ଗଣମାଧ୍ୟମରେ ତା'ର ବହୁଳ ପ୍ରସାର ଦ୍ୱାରା ସବୁବେଳେ ଦ୍ରୁତଗତିରେ ଅଭିବୃଦ୍ଧି ଘଟି ଚାଲୁଛି ।

କେବଳ ସେତିକି ନୁହେଁ ଏବେ ବୈଷୟିକ ଶିକ୍ଷା, ପେଷାଦାର ଜୀବନ ସବୁଠି ଅସୁରକ୍ଷା ଓ ପ୍ରତିପାଦରେ ପ୍ରତିଯୋଗିତାର ଜୀବନ । ପ୍ରତି ମୁହୂର୍ତ୍ତରେ ତଳ ପାହାଚକୁ ଓହ୍ଲାଇ ଯିବାର ଡର ଖାଇ ଗୋଡାଉଥାଏ । ଏ ସବୁ ବୋଝ ନୁହେଁ ତ' ଆଉ କ'ଣ ? ଜନସଂଖ୍ୟାର ବୃଦ୍ଧି ସହିତ ସରକାରୀ ଚାକିରୀରେ ପ୍ରତିଯୋଗିତା ବଢିଛି । ଗୋଟିଏ ଗୋଟିଏ ପଦ ପାଇଁ ଲକ୍ଷ ଲକ୍ଷ ଆବେଦନକାରୀ । ପାଠପଢା ବେଳେ ଗୋଟିଏ ଗୋଟିଏ ସିଟ୍ ପାଇଁ ଅସଂଖ୍ୟ ଇଚ୍ଛୁକ ପ୍ରାର୍ଥୀ । ସେ କ୍ଷେତ୍ରରେ ଉତ୍ତମ ଶିକ୍ଷା, ସରକାରୀ ଚାକିରୀରେ ସୁଯୋଗ ନପାଇ ଅସୁରକ୍ଷାର ବଳୟ ଭିତରକୁ ଠେଲି ହୋଇଯାଉଛି ସାଧାରଣ ଯୁବକ । ସେତେବେଳେ ଅଦୃଶ୍ୟ ବୋଝଟିଏ ମୁଣ୍ଡ ଉପରେ ରହିବା ସ୍ୱାଭାବିକ ନିଶ୍ଚୟ ।

ବେସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷା ପାଇଁ ଆର୍ଥିକ ବୋଝ ଉଠାଇ ଯୁବକଟିଏ ଯେତେବେଳେ ବେସରକାରୀ ସଂସ୍ଥାମାନଙ୍କରେ ଚାକିରୀ କରୁଛି ସେତେବେଳେ ତାକୁ ପ୍ରତି ପାଦରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡୁଛି । ସେହି ପରିସ୍ଥିତିରେ ରହି ନିଜର ଜୀବନ ଗଢିବାକୁ ଏକରକମ ବାଧ୍ୟ ହେଉଛି ସେ, ଏହା କ'ଣ ବୋଝ ନୁହେଁ?

ଏପରି ବୋଝ ବହନ କରି ସଂସାରରେ ଗତି କଲାବେଳେ ଅଣନିଃଶ୍ୱାସୀ ହୋଇପଡୁଛି ମଣିଷ । ସେହି ବୋଝ ତଳେ ମଣିଷ ଜନ୍ମର ସାର୍ଥକତା ବିଲୀନ ହୋଇପଡୁଛି । ସେ କ୍ରମଶଃ ପ୍ରକୃତି, ଜୀବଜନ୍ତୁ ଓ ମାନବିକତାଠୁଁ ଦୂରକୁ ପଳାୟନ କରିବାରେ ଲାଗିଛି । ପାର୍ଥିବ ଜଗତରେ ମୁଣ୍ଡ ଉଠାଇ ଚାଲିବାକୁ ଅନେକ ପ୍ରକାରର ଅନାବଶ୍ୟକ ବୋଝ ବୋହୁଛି ମଣିଷ । ସେ ଏଥିପାଇଁ ପାଲଟୁଛି ଅସହାୟ ବାଧ୍ୟ । ସେଇଥିରେ ହିଁ ବାନ୍ଧି ହୋଇପଡୁଛି ତା' ଜୀବନ ।

ତେବେ ବଦଳୁଥିବା ସମୟ ସହିତ ଆସୁଥିବା ପ୍ରତିଯୋଗିତା ଓ ଏହି ବୋଝରୁ ମୁକ୍ତି ପାଇଁ ସବୁ ପ୍ରକାରର ମାର୍ଗ ମଣିଷକୁ ହିଁ ଖୋଜିବାକୁ ପଡିବ । ଆଉ ପାର୍ଥିବ ଲୋଭ ଆସକ୍ତିକୁ ପଛରେ ପକାଇ ତା'ର ଜନ୍ମର ମୌଳିକ ଅଭିପ୍ରେତକୁ ବୁଝି ଏହାକୁ ସଫଳ କରିବାକୁ ହେବ । ଆଉ ଏଥିପାଇଁ ମଣିଷକୁ ବାସ୍ତବବାଦୀ, ଲୋଭମୁକ୍ତ, ଈର୍ଷାହୀନ ଓ ମିଳିଥିବା ସମସ୍ତ ପାର୍ଥିବ, ଅପାର୍ଥିବ କଥାକୁ ନେଇ ସନ୍ତୁଷ୍ଟ ହେବାକୁ ପଡିବ । ତେଣୁ ଏ ଲେଖା ମାଧ୍ୟମରେ ଏ ଲେଖକର ଆହ୍ୱାନ, ଆସ ଓହ୍ଲାଇ ଦେବା ବୋଝ !

**rajibrvpl@gmail.com**
ଦୂରଭାଷ-୭୬୮୪୯୮୯୫୫୭

# ସବୁଜ ବିପ୍ଳବ ପାଇଁ ଉଦ୍ୟମ

ଗତ କିଛିବର୍ଷହେଲା ଓଡ଼ିଶା ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଚାହିଦା ପୂର୍ଣ୍ଣ କରିବା ସମ୍ଭବ ହେଉ ନଥିବାରୁ ଅସନ୍ତୋଷ ବଢୁଛି। ଆଳୁ, ପିଆଜ, ମାଛ, ଅଣ୍ଡା, ପରିବା ଫଳ ଇତ୍ୟାଦିର ମୂଲ୍ୟ ବୃଦ୍ଧି ଲାଗି ରହିଛି। ପୂର୍ବରୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ୍ ଏପରି ଘନ ଘନ ପରିବର୍ତ୍ତନ ହେଉନଥିଲା। ଏହାର ଗୋଟିଏ କାରଣ ଏୟା ହୋଇପାରେ ଯେ ରାଜ୍ୟବାସୀଙ୍କ ଉପାର୍ଜନ ବଢ଼ିବା ସହିତ ଖାଉଟି ସାମଗ୍ରୀର ଚାହିଦା ବଢୁଛି। ଯେଉଁମାନେ ଲୁଣ, ଲଙ୍କା, ବ୍ୟବହାର କରି ପଖାଳ ଖାଇ ଚଳି ଯାଉଥିଲେ, ସେମାନଙ୍କ ହାତକୁ ଅଧିକ ଉପାର୍ଜନ ଆସୁଥିବାରୁ ସେମାନଙ୍କ ଖାଇବା ଶୈଳୀରେ ପରିବର୍ତ୍ତନ ହୋଇଛି। ବିଶେଷକରି ଗରିବ, ସେମାନଙ୍କ ଉପରେ ଥିବା ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତମାନଙ୍କ ଜୀବନ ଶୈଳୀର ଆଖିଦୃଶିଆ ପରିବର୍ତ୍ତନ ହୋଇଛି। ଏପରିକି ମୟୁରଭଞ୍ଜ, କେନ୍ଦୁଝର, କୋରାପୁଟ, ରାୟଗଡ଼ା ପରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ବାସ କରୁଥିବା ଆଦିବାସୀମାନଙ୍କ ରୋଜଗାର ବଢ଼ିଛି। କୃଷି କ୍ଷେତ୍ରରେ ପୂର୍ବେ ୭୦ ବା ୮୦ ପ୍ରତିଶତ ଗ୍ରାମାଞ୍ଚଳ ଲୋକ ନିର୍ଭର କରୁଥିଲେ। ଗତ ପନ୍ଦର କୋଡ଼ିଏ ବର୍ଷ ଧରି ଶିଳ୍ପ ବିସ୍ତାର ସହିତ ଖଣି ଖାଦାନର ଉପଯୋଗ ବୃଦ୍ଧି ପାଇଛି। ଭିତ୍ତିଭୂମିର ବିକାଶ ହେବା ଯୋଗୁଁ ଗ୍ରାମାଞ୍ଚଳ ପୂର୍ବ ପରି ଅଗମ୍ୟ ବା ଦୁର୍ଗମ ହୋଇ ରହିନାହିଁ। ସମସ୍ତ ଗ୍ରାମ ସହିତ ସଡ଼କ ଓ ବିଦ୍ୟୁତ୍ ସଂଯୋଗ ନଥିଲେ ମଧ୍ୟ ପ୍ରାୟ ଷାଠିଏ ପ୍ରତିଶତ ଗ୍ରାମ ସହିତ ସଡ଼କ ଓ ବିଦ୍ୟୁତ୍ ସଂଯୋଗ ହେଲାଣି। ଏହାଦ୍ୱାରା ଗମନାଗମନରେ ବିକାଶ ହୋଇଛି ଏବଂ ଗତିଶୀଳତା ବୃଦ୍ଧି ପାଇଛି। ଏକାଦଶ ଯୋଜନାରେ ମୁଣ୍ଡପିଛା ଉପାର୍ଜନ ପନ୍ଦର ହଜାର ପ୍ରାୟ ଥିଲାବେଳେ ଦ୍ୱାଦଶ ଯୋଜନାରେ ଏହା ପ୍ରାୟ ତେଇଶ ହଜାର ହୋଇଛି। ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ପ୍ରାୟ ୬୫% ଲୋକ ସାକ୍ଷର। ତ୍ରିପୁରା ଓ କେରଳ ପରି ରାଜ୍ୟରେ ସାକ୍ଷରତା ହାର ପଞ୍ଚାନବେ ପ୍ରତିଶତର ପାଖାପାଖି ଥିବାବେଳେ ଓଡ଼ିଶାର ସାକ୍ଷରତା ପଛରେ ପଡ଼ିଛି। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଯେ ନିଯୁକ୍ତି ତାଲିକାରେ ପ୍ରାୟ ୧୨ଲକ୍ଷ ସାକ୍ଷର ଲୋକଙ୍କ ନାମ ଥିଲେ ମଧ୍ୟ ବର୍ଷକୁ ଲକ୍ଷେ ଲୋକ ନିଯୁକ୍ତି ପାଉନାହାନ୍ତି। ଏମାନଙ୍କୁ ଯଦି ଧନ୍ଦା କରିବା ପାଇଁ କୌଶଳ ଶିକ୍ଷା ଦିଆଯାଏ ତେବେ ଏମାନଙ୍କ ଉପାର୍ଜନ ଆହୁରି ବଢ଼ିବ। ଓଡ଼ିଶାର ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ବ୍ୟୟ ୬୦ ହଜାର ହେଲାଣି। ଦ୍ୱାଦଶ ଯୋଜନାରେ ଯଦି ଶିଳ୍ପ ଓ ଧନ୍ଦା ଶିକ୍ଷା ସହିତ କୃଷି ଓ ଏହାର ଆଧୁନିକୀକରଣ ଉପରେ ଗୁରୁତ୍ୱ ଦିଆଯାଏ ତେବେ ଶିଳ୍ପ ବିକାଶ ସହିତ କୃଷିର ବିକାଶ ଦ୍ରୁତତର ହେବ। କୃଷି ବିଭାଗ କାର୍ଯ୍ୟ କେବଳ ଫାଇଲ ଭିତରେ ସୀମାବଦ୍ଧ। ଚାହିଦାକୁ ଚାହିଁ ରାଜ୍ୟର ଉତ୍ପାଦନ ଓ ଯୋଗାଣ ବ୍ୟବସ୍ଥା ତାଳ ଦେଇପାରୁନଥିବାରୁ ଆଳୁ, ପିଆଜ, ମାଛ, ଅଣ୍ଡା, ଡାଲି, ଫଳ ଓ ପରିବା ପରି ସାଧାରଣ ଖାଦ୍ୟଦ୍ରବ୍ୟ ଦୁର୍ଲଭ ହେଉଛି। ସରକାରଙ୍କ ଯୋଜନା ଅନୁସାରେ ଆସନ୍ତା କିଛିବର୍ଷ ମଧ୍ୟରେ କେବଳ କୋରାପୁଟରୁ ୫ଲକ୍ଷ ଟନ୍ ଆଳୁ ଉତ୍ପାଦିତ ହେବ। ଏହା ଯଦି ସଫଳ ହୁଏ ତେବେ କୃଷି ବିଭାଗ ପ୍ରଶଂସାଭାଜନ ହେବ। ସେହିପରି ପିଆଜ ଉତ୍ପାଦନ ବୃଦ୍ଧି ପାଇଁ ଏବଂ ମାଛ, କୁକୁଡ଼ା ଚାଷ, ପରିବା ଚାଷ ପ୍ରତି ଗୁରୁତ୍ୱ ଦେଲେ ଦୁଇ/ଚାରିବର୍ଷ ମଧ୍ୟରେ ଓଡ଼ିଶା ଏସବୁ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବ। ମାଛ, ଅଣ୍ଡା, ପରିବା, ଫଳ ଇତ୍ୟାଦି ଆନ୍ଧ୍ରରୁ ନ ଆସିଲେ ଓଡ଼ିଶା ବଜାରରେ ଦୁଷ୍ପ୍ରାପ୍ୟଜନିତ ମୂଲ୍ୟବୃଦ୍ଧି ହୁଏ। ସେହିପରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ପ୍ରଭୃତିରୁ ଏବଂ ମହାରାଷ୍ଟ୍ରରୁ ଅନେକ ଫଳମୂଳ, ଖାଦ୍ୟସାମଗ୍ରୀ ଆମଦାନୀ କରାଯାଉଛି। ଯନ୍ତ୍ରପାତି ନଥିବାରୁ କୃଷିର ଆଧୁନିକୀକରଣ ହୋଇନାହିଁ। ଶିଳ୍ପ ବିକାଶ ଯୋଗୁଁ ଏବେ ଆଉ ୭୦% ଲୋକ କୃଷି ଉପରେ ନିର୍ଭର କରୁନାହାନ୍ତି। ଏଇ ସଂଖ୍ୟା ୬୦%କୁ କମି ଆସିଛି। ଏହା ସହିତ ଲୋକମାନଙ୍କ ରୋଜଗାର ବଢ଼ିଛି ଏବଂ କୃଷି କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହେଲେ ସାଧାରଣ ଲୋକଙ୍କ ଜୀବନ ଶୈଳୀରେ ଦୃଢ଼ ପରିବର୍ତ୍ତନ ହେବ। କେବଳ ବୃହତ ଶିଳ୍ପ ସ୍ଥାପନ ଦ୍ୱାରା ବେକାରୀ ସମସ୍ୟାର ସମାଧାନ ହେବ ନାହିଁ। କ୍ଷୁଦ୍ର ଶିଳ୍ପ ଓ ବିଭିନ୍ନ ଧନ୍ଦାର ବିକାଶ କଲେ ଗେଞ୍ଜି, ଗାମୁଛା ଓ ଅନ୍ୟାନ୍ୟ କମ୍ ଦରର ଫ୍ରକ୍, ଚାଦର, ପରଦା, ପ୍ଲାଷ୍ଟିକ୍ ସାମଗ୍ରୀ, କୃଷି ସାମଗ୍ରୀ ଏବଂ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ପ୍ରଭୃତି ଓଡ଼ିଶାରେ ଉତ୍ପାଦିତ ହେଲେ ବେକାରୀ ସଂଖ୍ୟା ହ୍ରାସ ପାଇବ ଏବଂ ବାହାର ରାଜ୍ୟ ଆମ ବଜାରକୁ ଦଖଲ କରି ମାଲେମାଲ ହେବେ ନାହିଁ। କିନ୍ତୁ ଏଥିପାଇଁ ସୁଚିନ୍ତିତ ପରିକଳ୍ପନା ଲୋଡ଼ା। ଦାଦନ ଖଟୁଥିବା ଲକ୍ଷାଧିକ ଗରିବ ଓଡ଼ିଶାବାସୀଙ୍କୁ ବାହାର ରାଜ୍ୟକୁ ବଞ୍ଚିବା ପାଇଁ ଯିବା ପାଇଁ ବାଧ୍ୟ ନକରି ସେମାନଙ୍କୁ ରାଜ୍ୟ ଭିତରେ କୌଶଳ ଶିକ୍ଷା ଦେଇ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଉପାଦନ କରିବା ପାଇଁ ସକ୍ଷମ କଲେ ଓଡ଼ିଶା ପାଞ୍ଚ ବର୍ଷରେ ସ୍ୱାବଲମ୍ବୀ ରାଜ୍ୟରେ ପରିଣତ ହେବ। ବାହାର ରାଜ୍ୟରେ ଲକ୍ଷ ଲକ୍ଷ ଓଡ଼ିଶାବାସୀ ଶ୍ରମ କରି ସେ ସବୁ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରୁଥିବାବେଳେ ନିଜ ରାଜ୍ୟରେ ସେମାନଙ୍କୁ କାମଧନ୍ଦା ଯୋଗାଇ ଦେବାପାଇଁ କିଛି ଫଳପ୍ରଦ ଯୋଜନା ନ କରିବା ଗଭୀର ଲଜ୍ଜା ଓ ପରିତାପର ବିଷୟ।




## ମୟୂରଭଞ୍ଜ ସାଇନ୍ସ ହାୟାର ସେକେଣ୍ଡାରୀ ସ୍କୁଲରେ ଏକ ଦିବସୀୟ ନେତୃତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ




ବାରିପଦା,(ପି.ଏନ): ବାରିପଦା ମହାରାଜପୁରସ୍ଥିତ ମୟୂରଭ ସାଇନ୍ସ ହାୟାର ସେକେଣ୍ଡାରୀ ସ୍କୁଲରେ ଏକ ଦିବସୀୟ ନେତୃତ୍ୱ ବିକାଶ କର୍ମଶାଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଦେବାଶ୍ରୀତା ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭବିଷ୍ୟତ ପାଇଁ ସାମାଜିକ ନେତୃତ୍ୱ ନେବାର କ୍ଷମତା ଜାଗ୍ରତ କରେଇବା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନେତୃତ୍ୱ ବିକାଶ ହୋଇପାରିଲେ ସେମାନେ ଆଗାମୀ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ ନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ନେତୃତ୍ୱ ସହିତ ନିଜ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଦନ ମୋହନ ସାହୁ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜଳ ଭବିଷ୍ୟତ ପାଇଁ ପରିଶ୍ରମ କରିବାକୁ କହିଥିଲେ । ବାଣିଜ୍ୟ ଅଧାପକ ରଣଜିତ କୁମାର ମାରାଣ୍ଡି ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଉପାଧକ୍ଷା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସାମାଜିକ ବିକାଶ ନିମନ୍ତେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନେତୃତ୍ୱ ବିକାଶ ଏକା' ଜରୁରୀ ବୋଲି ମତ ପ୍ରକାଶ କରିଥିଲେ । ଛାତ୍ରଛାତ୍ରୀ ଅଭିଷେକ ଗିରି, ସ୍ମୃତିରେଖା ହାଁସଦା, ଯଶୋବନ୍ତ ହାଁସଦା, ଆୟୁଷ୍ମାନ ମହାନ୍ତ, କିଷାନ ମାଝୀ, ଚନ୍ଦ୍ର ମୋହନ ଟୁଡୁ, ଆଶୁତୋଷ ବିଶ୍ୱାଳ, ମମିତା ସରେନ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧାପିକା ସୁଜାତା ପାଲ ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ମହକ ଅନୁଷ୍ଠିତ

ସୁବର୍ଣ୍ଣପୁର, (ପି.ଏନ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ମହକ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ରହୁଥିବା ଶିଶୁ ମାନଙ୍କୁ ନେଇ ମହକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଘାଟନ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା ମୁଖ୍ୟ ଅତିଥିଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ଜିଲ୍ଲା ବାଲ୍ୟବିବାହ ପରାମର୍ଶ ଦାତା ରାକେଶ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସ୍ୱାଗତ ବକ୍ତବ୍ୟ ଦେବା ସହ କାର୍ଯ୍ୟକ୍ରମର ବିବରଣୀ ପଠନ କରିଥିଲେ। ବିଜୟ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ବ୍ରତାନନ୍ଦ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦାନ କରି ଛାତ୍ର ଛାତ୍ରୀ ଙ୍କୁ ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱ ର ବିକାଶ ଉପରେ ସାର ଗର୍ଭକ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡି ଏସ ପି ସଦର, ଶିଶୁ ମଙ୍ଗଳ କମିଟି ସଭ୍ୟା ରଞ୍ଜିତା ସାହୁ, ଡି ଆଇ ପି ଆରୋ ଶ୍ରୀ ଭୋଇ, ଡିସିପିଓ ଶ୍ରୀ ଦାଶ ମଂଚାସୀନ ରହିଥିଲେ । ଦିବସ ପରିପ୍ରେକ୍ଷୀରେ ଶିଶୁ ମାନଙ୍କୁ ନେଇ ଅନୁଷ୍ଠିତ ଗୀତ, ନୃତ୍ୟ, ତର୍କ, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ କେଶବ ମେହେର, ସରିତା ସୁନା, ରୁଦ୍ର ପ୍ରସନ୍ନ ମିଶ୍ର, ପ୍ରଶାନ୍ତ ମହାକୁଡ଼, ଅବିର କାଲସଏ, ବିଶେଶ୍ୱର ହୋତା, ସ୍ୱାଗତ ରାଜ ମିଶ୍ର, ସିଦ୍ଧାନ୍ତ ସୁନା ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ ।

## ବିଷମ ସ୍ଥିତିରେ ପୁରୀ ରାଜନୀତି : ତିନିମୁଖୀ ଶଙ୍ଖ ବାଜୁଛି : ଗେରୁଆ ଶଙ୍ଖକୁ ନେଇ ଚର୍ଚ୍ଚା

ପୁରୀ, (ପି.ଏନ): ପୁରୀସଦର ନିର୍ବାଚନ ମଣ୍ଡଳୀ ପାଇଁ କିଏ ବିଜେଡ଼ିର ଟିକେଟ ହାତେଇବ ତାକୁ ନେଇ ଏବେ ରାଜନୀତି ଚଳଚଂଚଳ ହେବା ସହ ଉଷ୍ମ ହେଉଛି । ପଦଯାତ୍ରାରେ ଜନବଳ ପ୍ରଦର୍ଶନକୁ ନେଇ ଚାଲିଛି ରାଜନୈତିକ ମହାସଂଗ୍ରାମ । ୨୦୧୯ ବିଧାନସଭା ନିର୍ବାଚନରେ ଶଙ୍ଖକ୍ଷେତ୍ର ପୁରୀରୁ ପଦ୍ମଫୁଲ ଚିହ୍ନ ବିଜୟ ହାସଲ କରିଥିଲା । ଏବେ ୨୦୨୪ରେ ଶଙ୍ଖ ଚିହ୍ନ ଚିତିବା ପାଇଁ ବିଭିନ୍ନ କୌଶଳ ପ୍ରୟୋଗ କରାଯାଉଛି । ବିଧାୟକ ଶଙ୍ଖ ଦଳରୁ ବିଧାୟକ ପ୍ରାର୍ଥୀ ପାଇଁ ଅନେକ ଆଶାୟୀ ରହିଛନ୍ତି । ସେମାନଙ୍କ ମଧ୍ୟରୁ ମହେଶ୍ୱର ମହାନ୍ତି,ଶୁଭାଶିଷ ଖୁଂଟିଆ, ଦିବାକର ପାତ୍ର ,ସୁନିଲ ମହାନ୍ତି ଓ ଅନ୍ୟଜଣେ ପ୍ରାର୍ଥୀ ଅନ୍ୟଦଳରୁ ଆସି ତାଙ୍କର ପୁରୁଣା ଦଳରେ ପ୍ରାର୍ଥୀ ହେବା ପାଇଁ ଲବି ଚଳାଇଛନ୍ତି । ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ପୁରୀରୁ ପ୍ରାର୍ଥୀ ହେବା ପାଇଁ ଚର୍ଚ୍ଚା ହେଉଥିଲେ ମଧ୍ୟ କେଉଁ ଦଳରୁ ପ୍ରାର୍ଥୀ ହେବେ ତାହା ବର୍ତ୍ତମାନ ସୁଦ୍ଧା ଫାଇନାଲ ହୋଇନଥିବା ଆଲୋଚନା ହେଉଛି । ରାଜନୈତିକ ମହାସଂଗ୍ରାମ ମଇଦାନରେ ମହେଶ୍ୱରଙ୍କ ପଲା ଭାରିଥିବା ଚାରିଆଡ଼େ ଚର୍ଚ୍ଚା ହେଉଛି । ପଦଯାତ୍ରା ପରେ ଶୁଭାଶିଷ ଓରଫ ଲକି ମଧ୍ୟ ଟିକେଟ ପାଇଁ ଜୋରସୋର ଲବି କରୁଛନ୍ତି। ତିନିମୁଖୀ ଶଙ୍ଖକୁ ନେଇ ଚର୍ଚ୍ଚା–ଗୋଟିଲ ଦଳ ବିଜେଡ଼ି ପକ୍ଷରୁ ତିନୋଟି ଗୋଷ୍ଠୀ ଟିକେଟ ଆଶାରେ ତିନି ଭାଗରେ ବିଭକ୍ତ ହୋଇ କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ପୁରୁଣା ଓ ନୂଆ ବିଜେଡ଼ି କର୍ମୀ ତିନି ଭାଗରେ ବିଭକ୍ତ ହୋଇ ବିଭିନ୍ନ ପଦପଦବି ୱାର୍ଡ଼ ପର୍ଯ୍ୟବେକ୍ଷକ ଯୁବ,ଛାତ୍ର ଓ ଦଳ ବାହିନୀରେ ପଦବି ହାସଲ କରି କାର୍ଯ୍ୟ କରୁଛନ୍ତି । ଗୋଟିଏ ଗୋଷ୍ଠୀ ମହେଶ୍ୱରଙ୍କ ସହ ଥିବାବେଳେ ଅନ୍ୟଏକ ଗୋଷ୍ଠୀ ଲକିଙ୍କ ସହ ରହିଛନ୍ତି । ଅନ୍ୟ ଗୋଟିଏ ପୁରୁଣା ବିଜେଡ଼ି ଲୋକ ଓ କିଛି ଠିକାଦାର ଅନ୍ୟ ଜଣେ ନେତାଙ୍କ ସହ ରହି ଶଙ୍ଖ ଟିକେଟ ପାଇବା ପାଇଁ ବିଜେଡ଼ି ଦଳପତିଙ୍କ ସହ ସୁସମ୍ପର୍କ ରଖି ଆଶାୟୀ ଅଛନ୍ତି । ନେତାଙ୍କ ଶରୀର ଭିତରେ ଶଙ୍ଖ ବାଜୁଥିବା ବେଳେ ବାହାରେ ଗେରୁଆ ଦଳରେ ରହିଛନ୍ତି ବୋଲି ବଡ଼ଦାଣ୍ଡରେ ଆଲୋଚନା ହେଉଛି ।ଗେରୁଆ ଶଙ୍ଖକୁ ନେଇ ଚର୍ଚ୍ଚା– ପଦଯାତ୍ରା ପରେ ସହରେ ଚର୍ଚ୍ଚା ହେଉଛି ଅରଜିନାଲ ଶଙ୍ଖ କିଏ ? ଗେରୁଆ ଶଙ୍ଖ କିଏ ? କେଉଁ ନେତା ଗେରୁଆ ଦଳର ନେତାଙ୍କ ସହ ସମ୍ପର୍କ ରଖି ବିଭିନ୍ନ ସଭା ସମିତି ଯିବା ,ଉଦଘାଟନ କାର୍ଯ୍ୟକ୍ରମ କରୁଛନ୍ତି ତାକୁ ନେଇ ଭୋଟର ଏବେ ଚର୍ଚ୍ଚା କଲେଣି। ପ୍ରକୃତରେ ଅରଜିନାଲ ଶଙ୍ଖ ସୁପ୍ତ ଅବସ୍ଥାରେ ରହିଛନ୍ତି । ଖୁବ ଶୀଘ୍ର ସିଂହ ଗର୍ଜନ ଛାଡ଼ି ରାଜନୈତିକ ମଇଦାନରେ ଶଙ୍ଖନାଦ କରିବା ସମ୍ଭାବନା ରହିଛି ବୋଲି ବିଭିନ୍ନ ଛକରେ ଆଲୋଚନା ହେଉଛି । ତେବେ ଏଇ ଗେରୁଆ ଶଙ୍ଖକୁ ନେଇ ପୁରୀ ସହର ଓ ପୁରୀସଦର ଅଞ୍ଚଳରେ ପ୍ରବଳ ମାତ୍ରାରେ ଚର୍ଚ୍ଚା ହେଉଛି ।ମହରଗ ରୁ ଯାଇ କାନ୍ତାରେ ପଡ଼ିଲେ ଭୋଟର–ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ବିଧାୟକ ଭାବେ ରହିଥିବା ନେତାଙ୍କୁ ପରିବର୍ତ୍ତନ କରି ଭୋଟର ଭାବିଥିଲେ ଅଧିକ କାମ ହେବା ସହ ନେତୃତ୍ୱ ସେମାନଙ୍କ ସୁଖଦୁଃଖରେ ସାମିଲ ହେବେ । ବାଛିଥିଲେ ଯୁବନେତାଙ୍କୁ କିନ୍ତୁ ଯୁବନେତା ସବୁହେବ ସବୁ କରିଦେବି ମୋ ସରକାର ନାହିଁ କାମ କରେ ଦେଉନାହାନ୍ତି କାହି ସୋସିଆଲ ମିଡ଼ିଆରେ ସଭା ସମିତି ଅତିଥି ଫଟୋ ଭୋଟର ଦେଖି ବିରକ୍ତି ପ୍ରକାଶ କଲେଣି । ପୁଣି ଜଣେ ଯୁବନେତାଙ୍କୁ କିପରି ବାଛିବୁ ତାକୁ ନେଇ ଗାଁ ଗହଳି ପୋଖରୀ ତୁଠରେ ଆଲୋଚନା ହେଉଛି । ମହରଗ ରୁ ଯାଇ କାନ୍ତରେ ପଡ଼ିଲୁ ବୋଲି ଜଣେ ବୃଦ୍ଧ ମତ ଦେଇଥିଲେ ।ବାବୁ ଓ ସୁନିଲକୁ ନେଇ ଚର୍ଚ୍ଚା– ବିଜେଡ଼ି ଇତିହାସରେ ନେତୃତ୍ୱ ଜାହିରି କରୁଥିବା ନେତାଙ୍କ ପୁଅମାନେ ମଙ୍ଗ ଧରିଥିବା ଦେଖିବାକୁ ମିଳୁଛି । ବିଜୁ ବାବୁଙ୍କ ପରେ ତାଙ୍କ ପୁଅ ନବୀନ ବାବୁ, ନୀଳମଣି ରାଉତରାୟଙ୍କ ପୁତ୍ର ବିଜୟଶ୍ରୀ, ନନ୍ଦନୀଙ୍କ ପୁତ୍ର ତଥାଗତ ଶତପଥୀ ଓ ହରେକୃଷ୍ଣ ମହତାବଙ୍କ ପୁଅ ଭର୍ତ୍ତୃହରି ରାଜନୀତିରେ ବେଶ ପାରମଗମ ହେଲେଣି । ନବୀନବାବୁଙ୍କ ଅମଳରେ ଅଶୋକ ଦାସଙ୍କ ପୁଅ ବବି,ପ୍ରଫୁଲ୍ଲ ଘଡ଼େଇଙ୍କ ପୁଅ ପ୍ରିତିରଞ୍ଜନ,ପ୍ରଭାତ ତ୍ରିପାଠୀଙ୍କ ପୁଅ, କାଳେନ୍ଦି ବେହେରାଙ୍କ ପୁଅ,ପ୍ରଭାତ ବିଶ୍ୱାଳଙ୍କ ପୁଅ, ଦାମୋଦର ରାଉତଙ୍କ ପୁଅ, ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ଓ ଅନ୍ୟ କେତେକ ନେତାଙ୍କ ପରି ବିଜେଡ଼ିରେ ରହି ଦମଦାର ଶକ୍ତି ପ୍ରଦର୍ଶନ କଲେଣି । ସେହି ଧାରାରେ ମହେଶ୍ୱରଙ୍କ ଟିକେଟ ନଦେଲେ ତାଙ୍କ ପୁଅକୁ ଟିକେଟ ଦେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ମହେଶ୍ୱରଙ୍କ ଅତି ଆପଣାର ପୁରୀସଦର ବ୍ଲକ ଅଧକ୍ଷ ଦିବାକର ପାତ୍ର ଓରଫ ବାବୁ ପାତ୍ର ମଧ୍ୟ ଟିକେଟ ଲବିରେ ରହିଛନ୍ତି । ବାବୁ ଗାଁ ଗହଳି ଲୋକଙ୍କ ସହ ବିଭିନ୍ନ ପଞ୍ଚାୟତରେ ନେତାଙ୍କ ସହ ସୁସମ୍ପର୍କ ରହିଥିବା ବେଳେ ବିଭିନ୍ନ ପଞ୍ଚାୟତରେ ତାଙ୍କର ଦବଦବା ରହିଛି । ବିଗତ ଦିନରେ ଜିଲ୍ଲା ପରିଷଦ ,ସମିତି ସଭ୍ୟ ଭାବେ ପ୍ରାର୍ଥୀ ହୋଇ ଜିତି କରି ଦେଖାଇଛନ୍ତି । ଯଦି ବାବୁ ପାତ୍ର ଟିକେଟ ପାଆନ୍ତି ତେବେ ସମସ୍ତଙ୍କ ଭେଜା ଉଡ଼େଇ ଦେବାର ସମ୍ଭାବନା ରହଛି ବୋଲି ସହର ଓ ଗ୍ରାମାଞ୍ଚଳରେ ଆଲୋଚନା ହେଉଛି । ୨୦୨୪ ନିର୍ବାଚନରେ ପ୍ରକୃତ ଘଟଣା କଣ ହେବ ତାହା ସମୟ କହିବ ।

## ୧୨ ନଭେମ୍ବର, ୨୦୨୨:ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର, (ପି.ଏନ): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଆସନ୍ତା ତା–୧୨–୧୧–୨୦୨୨(ଶନିବାର)ରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ–ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ସେମିଲିଗୁଡା, ଦଶମନ୍ତପୁର ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ ) ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ , ବ୍ୟାଙ୍କ ଋଣ , ବିଦ୍ୟୁତ ଓ ଜଳ ଯୋଗାଣ , ପାରିବାରିକ , ଶ୍ରମ ଓ ନିଯୁକ୍ତି ବିବାଦ , ଚେକ ବାଉନ୍ସ, ରାଜସ୍ୱ, ଖାଉଟି ବିବାଦ,ଜମି ଅଧିଗ୍ରହଣ, ଚାକିରି ସମନ୍ଧୀୟ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ ହେଉଅଛି ।

## ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, (ପି.ଏନ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ନିର୍ବାଚନ ଶାଖା ପକ୍ଷରୁ ଭୋଟର ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ପକ୍ଷରୁ ପ୍ରବର୍ତ୍ତିତ ୧୭ ବର୍ଷରୁ ଅଧିକ ଯୋଗ୍ୟ ଯୁବକ–ଯୁବତୀଙ୍କୁ ନାଗରିକ ଯୋଗ୍ୟତା ପ୍ରଦାନ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମ–୨୦୨୩କୁ ନେଇ ଏହି ଜନ ସଚେତନତା ରାଲି ସହର ପରିକ୍ରମା କରିଛି । ନୂତନ ଭୋଟର ପଞ୍ଜିକରଣ ପାଇଁ ନଭେମ୍ବର ୯ତାରିଖରୁ ଡିସେମ୍ବର ୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଭିଯାନରେ ନାମ ପଞ୍ଜିକରଣ,ଭୋଟର ତାଲିକାରେ ଥିବା ତଥ୍ୟ ସଂଶୋଧନ ଓ ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସଂଯୋଗୀକରଣ କରିବାକୁ ଜନ ଜାଗରଣ ସୃଷ୍ଟି କରାଯାଇଛି । ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ଆୟୋଜିତ ଏହି ରାଲିକୁ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ସବୁଜ ପତାକା ଦେଖାଇ ଉଦଘାଟନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ,ନିର୍ବାଚନ ଅଧିକାରୀ ଯଶସ୍ୱିନୀ ପୃଥାଲ ଓ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ ଭୋଇ ଉପସ୍ଥିତ ରହିଥିଲେ, ଏହି ଶୋଭାଯାତ୍ରା ପୁରୁଣା ଟାଉନ ହଲ ଠାରୁ ବାହାରି ସହର ପରିକ୍ରମା କରି ଉପଜିଲ୍ଲାପାଳ ସୋନପୁର ଙ୍କ କାର୍ଯ୍ୟାଳୟ ରେ ପହଂଚି ଥିଲା । ଆଜି ନିର୍ଦ୍ଦେଶ ମୁତାବକ ଜିଲ୍ଲାର ପ୍ରତ୍ୟେକ ବୁଥ୍ ରେ ବି ଏଲ ଓ ମାନଙ୍କ ଦ୍ୱାରା ଭୋଟର ଙ୍କୁ ଚୁନାବ ପାଠଶାଳା ଜରିଆରେ ମତଦାନ ତଥା ଭୋଟର ତାଲିକା ସମ୍ବନ୍ଧୀୟ ବିଷୟରେ ସଚେତନତା କରାଇଥିଲେ ।ପରେ ପରେ ଅପରାହ୍ନରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଚିଠା ଭୋଟର ତାଲିକା ତଥା ବିଭିନ୍ନ ଭୋଟ ଗ୍ରହଣ କେନ୍ଦ୍ରର ସ୍ଥାନାତରଣ ର ତାଲିକା ଜିଲ୍ଲାରେ ସ୍ଥିତ ଜାତୀୟ ତଥା ରାଜ୍ୟ ସ୍ତରୀୟ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀମତୀ ନରୱଣେ ପ୍ରଦାନ କରି ଚିଠା ଭୋଟର ତାଲିକା ଓ ବୁଥ୍ ସ୍ଥାନାତରଣ ପ୍ରସ୍ତାବ ଉପରେଉପସ୍ଥିତ ପ୍ରତିନିଧିଙ୍କ ସହିତ ଆଲୋଚନା କରି ସେମାନଙ୍କ ମତାମତ ନେଇଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଉପଜିଲ୍ଲାପାଳ ବିରମାହାରାଜପୁର ଅଶୋକ ଭୋଇ, ଡେପୁଟି କଲେକ୍ଟର ଯଶସ୍ୱୀନି ପୃଥାଲ, ବିଡ଼ିଓ ସୋନପୁର ସୌମ୍ୟ ରଞ୍ଜନ ସ୍ୱାଇଁ,ଜିଲ୍ଲା ବି ଜେ ଡି ଦଳ ପ୍ରତିନିଧି କଇଁରୁ ସ୍ୱାଇଁ, ବିଜେପି ପ୍ରତିନିଧି ସୁକାନ୍ତ କୁମାର ସାହୁ, କମ୍ୟୁନିଷ୍ଟ ପାର୍ଟି ପ୍ରତିନିଧି ଗୋବିନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ରହି ଚିଠା ଭୋଟର ତାଲିକା ଗ୍ରହଣ କରିଥିଲେ ।

## ବଲାଙ୍ଗିର ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ବୈଠକ

ବଲାଙ୍ଗିର, (ପି.ଏନ): ସ୍ଥାନୀୟ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ବଲାଙ୍ଗିର ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ର ପ୍ରଥମ ବୈଠକ ଜିଲ୍ଲାପାଳ ଚଞ୍ଚଳ ରାଣା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର , ଜଳ ସମ୍ପଦ ,ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ ,ଲୋକସଭା ସାଂସଦ ଙ୍କ ପ୍ରତିନିଧି ମାଧବ କୁମାର ସାଏ ,ଲୋଇସିଂହ। ବିଧାୟକ ଙ୍କ ପ୍ରତିନିଧି ଦେବିଲାଲ ମିଶ୍ର , ବିଭିନ୍ନ ପଞ୍ଚାୟତ ସମିତି ର ଅଧକ୍ଷ ଅଧକ୍ଷା ,ଜିଲ୍ଲା ଖାଉଟି ବିବାଦ ଓ ପ୍ରତିକାର ଫୋରମ ର ଅଧକ୍ଷ ରବୀନ୍ଦ୍ର କୁମାର ତ୍ରିପାଠୀ ,ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ , ବଲାଙ୍ଗିର ଜିଲ୍ଲା କୃଷକ ମହାସଂଘ ର ସଭାପତି ଜତି ପ୍ରଧାନ ଙ୍କ ସମେତ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ର ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଧରୁଆ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ର ସଦସ୍ୟ ଓ ସଦସ୍ୟା ମାନଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ର ଗଠନ , ପ୍ରକ୍ରିୟା , ଭୂମିକା ଏବଂ ଦାୟିତ୍ୱ , ଖାଉଟି ସୁରକ୍ଷା ଆଇନ –୨୦୧୯ ର ପ୍ରମୁଖ ପ୍ରାବଧାନ ,ଉଦ୍ଦେଶ୍ୟ ତଥା ଅଧିନିୟମ ର ଲକ୍ଷ୍ୟ , ଖାଉଟି ସୁରକ୍ଷା ଆଇନ –୨୦୧୯ ରେ କରାଯାଇଥିବା ପରିବର୍ତ୍ତନ , ଆଇନ ରେ ଥିବା ଦଣ୍ଡବିଧାନ ଇତ୍ୟାଦି ସମ୍ପର୍କରେ ପାୱାର ପଏଣ୍ଟ ମାଧମରେ ଉପସ୍ଥାପନ କରିଥିଲେ । ଖାଉଟି ସୁରକ୍ଷା ଆଇନ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉପରେ ବିଧାୟକ ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିବା ସହ ଗ୍ରାହକ ମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ତୃଣମୂଳ ସ୍ତରରୁ ସଚେତନ କରିବା କୁ ସମ୍ପୃକ୍ତ ବିଭାଗ ର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ କେନ୍ଦ୍ର ଗୁଡିକରେ ଗ୍ରାହକ ମାନଙ୍କ ସୂଚନା ନିମନ୍ତେ ଷ୍ଟକ ,ମୂଲ୍ୟ ଇତ୍ୟାଦି ତଥ୍ୟ ସମ୍ବଳିତ ସୂଚନା ପ୍ରଦର୍ଶିତ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ର କାର୍ଯ୍ୟକାରିତା ,ଖାଦ୍ୟ ଅପମିଶ୍ରଣ ଇତ୍ୟାଦି ର ତଦାରଖ କରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ରେ ଖାଉଟି ସୁରକ୍ଷା ଆଇନ –୨୦୧୯, ଗ୍ରାହକ ମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଖାଉଟି ମାନଙ୍କୁ ସଚେତନ କରିବା ନିମନ୍ତେ ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ସହ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନକୁ ନିର୍ଦ୍ଦେଶ ଦେଇଥିଲେ । ପଞ୍ଚାୟତ ରାଜ ଅନୁଷ୍ଠାନ ର ପ୍ରତିନିଧି ମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହେବା ସହ ଖାଉଟି ସୁରକ୍ଷା ଓ ଅଧିକାର ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ରେ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା । ବୈଠକ ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଧରୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟ ଭବିଷ୍ୟନିଧି ଆୟୋଗଙ୍କ ସହ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପ୍ରତିନିଧିଙ୍କ ଆଲୋଚନା



ଭୁବନେଶ୍ୱର, (ପି.ଏନ): ଆଂଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ ଠାରେ ଦେଶର ମୁଖ୍ୟ ଭବିଷ୍ୟନିଧି ଆୟୋଗଙ୍କ ସହ ଏକ ଆଲୋଚନା ଚକ୍ରରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ମଦନ ମୋହନ ଧଳ ଓ ଅନ୍ୟ ପ୍ରତିନିଧିମାନଙ୍କ ସହ ଆଲୋଚନ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ଶ୍ରୀ ମଦନ ମୋହନ ଧଳ ଆଲୋଚନାରେ ଭାଗ ନେଇ ଭବିଷ୍ୟନିଧି ସଂସ୍ଥା ଆଶାନୁରୁପକ କାର୍ଯ୍ୟ ନିର୍ବାହ କରିବା ସହିତ ହିତାଧିକାରୀ ମାନଙ୍କୁ ଠିକ୍ ସମୟରେ ପେନସନ୍ ପ୍ରଦାନ କରୁଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷରେ ଇ.ପି.ଏସ୍.୯୫ ପେନସନ୍ ସମ୍ବନ୍ଧୀୟ ଗତ ତା. ୦୪/୧୧/୨୦୨୨ ରେ ପ୍ରକାଶିତ ସର୍ବୋଚ୍ଚନ୍ୟାୟାଳୟର ରାୟ କୁ ସେ ସମ୍ମାନ ଦେବା ସହ ଉକ୍ତ ରାୟ ବାସ୍ତବ ପେନସନ୍ ଭୋଗିମାନଙ୍କୁ ଅବହେଳା କରିଛି ବୋଲି ମତ ପ୍ରକାଶ କରିଥିଲେ। ତା. ୦୧/୦୯/୨୦୧୪ ମସିହା ପୂର୍ବରୁ ଅବସର ନେଇଥିବା ପେନସନ ଭୋଗିମାନଙ୍କୁ ଉକ୍ତ ରାୟରେ ଉପେକ୍ଷା କରାଯାଇଛି ଏବଂ ସେମାନେ ହିଁ ବର୍ଦ୍ଧିତ ହାରରେ ପେନସନ ପାଇବା ପାଇଁ ହକ୍‌ଦାର। ଆଜିର ଏ ମହଙ୍ଗା ସମୟରେ ମାତ୍ର ୧୦୦୦ ରୁ ୨୦୦୦ ଟଙ୍କା ପେନସନ୍ ସମୁଦ୍ରକୁ ଶଙ୍ଖେ ସହ ସମାନ। ଯେଉଁ ଦେଶରେ ବର୍ତ୍ତମାନ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୧୧୮୦ ଟଙ୍କା, ପେଟ୍ରୋଲ ଲିଟର ୧୧୦ ଟଙ୍କା, ପିଆଜ କିଲୋ ପିଛା ୪୦ – ୪୫ ଟଙ୍କା ଅନ୍ୟାନ୍ୟ ଖାଉଟି ଦ୍ରବ୍ୟର ଦର ଆକାଶ ଛୁଆଁ ହୋଇଥିବାବେଳେ ମାତ୍ର ୧୦୦୦ ଟଙ୍କାରୁ ୨୦୦୦ ଟଙ୍କା ପେନସନ କେବଳ ନିମିତ ମାତ୍ର। ଶ୍ରୀ ଧଳ ଏ କ୍ଷେତ୍ରରେ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ମତପ୍ରକାଶ କରିବା ସହିତ ତୁରନ୍ତ ମାସିକ ସର୍ବନିମ୍ନ ପେନସନ ଦଶ ହଜାର ଟଙ୍କା କରିବାକୁ ପ୍ରସ୍ତାବ ଦେଇଥିଲେ। ଅନ୍ୟ ପକ୍ଷରେ ଅସଂଗଠିତ କ୍ଷେତ୍ରରେ ତଥା ତଥା ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଭବିଷ୍ୟନିଧିରେ ଅନ୍ତର୍ଭୁକ୍ତ କରିବାକୁ ସେ ପ୍ରସ୍ତାବ ରଖିଥିଲେ। ଏକ ସୁସ୍ଥ ଦେଶ ଗଠନ କରିବାକୁ ହେଲେ ପ୍ରଥମେ କେନ୍ଦ୍ର ସରକାର ସାମାଜିକ ସୁରକ୍ଷାକୁ ପ୍ରାଥମିକତା ଦେବା ଦରକାର ବୋଲି ମଦନ ଧଳ ମତବ୍ୟକ୍ତ କରିଥିଲେ। ଉତରରେ ମୁଖ୍ୟ ଭବିଷ୍ୟନିଧି ଅଧିକାରୀ ବର୍ତ୍ତମାନ ପାଖାପାଖି ୩୬ ହଜାର କୋଟି ଟଙ୍କା ନିଅଂଟ ଅଛି। ଏହାର କାରଣ ଲକ୍ଷାଧିକ ଲୋକ ମାତ୍ର ମାସିକ ୨୦୦ ଟଙ୍କା ପେନସନ୍ ଫଣ୍ଡକୁ ଦେଉଛନ୍ତି। ତେଣୁ ୧୦୦୦ ଟଙ୍କା ସର୍ବନିମ୍ନ ପେନସନ୍‌କୁ ଭରଣା କରିବା ପାଇଁ ଭବିଷ୍ୟନିଧି ସଂସ୍ଥା ଅକ୍ଷମ। ଅନ୍ୟପକ୍ଷରେ ଆସନ୍ତା ୭ ଦିନ ମଧ୍ୟରେ ମୁଖ୍ୟନ୍ୟାୟାଳୟଙ୍କ ରାୟ କୁ ଉପଯୁକ୍ତ ତର୍ଜମା କଲାପରେ। ମୁଖ୍ୟ ଭବିଷ୍ୟନିଧି ଆୟୋଗ ଦେଶବାସୀଙ୍କ ଉଦ୍ଦ୍ୟୋଶରେ ଏ ସମ୍ବନ୍ଧୀୟ ପୁଙ୍ଖାନୁପୁଙ୍ଖ ନିତୀନିୟମ ଘୋଷଣା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକମାନଙ୍କୁ ଭବିଷ୍ୟନିଧିରେ ଅନ୍ତର୍ଭୁକ୍ତ କରାଯାଇସାରିଛି ଓ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଚାର ବିମର୍ଶ ଚାଲିଛି। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଂପାଦକ ତଥା ନାଲ୍‌କୋ ଏମ୍ପ୍ଳୋଇଜ ଫୋରମ୍‌ର ସମ୍ପାଦକ ପ୍ରଦିପ କୁମାର ଦାସ ଓ ଏନ୍.ଟି.ପି.ସି. ଏମ୍ପ୍ଳୋଇଜ୍ ୟୁନିଅନର ସାଧାରଣ ସଂପାଦକ ସତ୍ୟାନନ୍ଦ ସାହୁ ଭାଗ ନେଇଥିଲେ।

## ୧୨ ନଭେମ୍ବର,୨୦୨୨:ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର, (ପି.ଏନ): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଆସନ୍ତା ତା–୧୨–୧୧–୨୦୨୨(ଶନିବାର)ରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ–ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ସେମିଲିଗୁଡା, ଦଶମନ୍ତପୁର ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ ) ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ , ବ୍ୟାଙ୍କ ଋଣ , ବିଦ୍ୟୁତ ଓ ଜଳ ଯୋଗାଣ , ପାରିବାରିକ , ଶ୍ରମ ଓ ନିଯୁକ୍ତି ବିବାଦ , ଚେକ ବାଉନ୍ସ, ରାଜସ୍ୱ, ଖାଉଟି ବିବାଦ,ଜମି ଅଧିଗ୍ରହଣ, ଚାକିରି ସମନ୍ଧୀୟ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ ହେଉଅଛି । କେବଳ ବିଚାରାଧିନ ମକଦ୍ଦମା ନୁହେଁ , ପ୍ରାକ୍–ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା ) ବିବାଦର ସମାଧାନ ମଧ୍ୟ ହୋଇପାରିବ । ତେଣୁ ଏହି ଲୋକ ଅଦାଲତ ମାଧ୍ୟମରେ ହେଉଥିବା ଉପରକ୍ତ ଜଡିତ ସମସ୍ତ ମକଦ୍ଦମାର ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ ଲିଗାଲ ଆଇନ ସେବା କାର୍ଯ୍ୟ ।ଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

## ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)– ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଉଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଉଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଯାଜପୁରରେ ବୋଇତବନ୍ଦାଣ ଉତ୍ସବ



ଯାଜପୁର (ପିଏନ୍): ଉତ୍କଳୀୟ ପରମ୍ପରା ସଂସ୍କୃତିର ବୋଇବନ୍ଦାଣ, ନୌବାଣିଜ୍ୟ ଇତିହାସ ବହୁ ପ୍ରାଚିନ ଖ୍ରୀଷ୍ଟପୂର୍ବ କାଳରୁ ଉତ୍କଳ ନୌବାଣିଜ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଅଛି। କାର୍ତ୍ତିକ ପୂର୍ଣ୍ଣିମା ପତ୍ୟୁଷରୁ ପୁଣ୍ୟତୋୟା ବୈତରଣୀ ନଦୀରେ ଦଶାଶ୍ୱମେଧ ଘାଟରେ ଡଙ୍ଗା ଭସାଇବା ଓ କାର୍ତ୍ତିକ ସ୍ନାନ କରିବା ପାଇଁ ବୟସ୍କା ମାଆମାନେ ଆର୍ତ୍ତ, ଅର୍ଥାଥୀ, ଜ୍ଞାନି ଓ ଜିଜ୍ଞାସୁମାନଙ୍କର ଭିଡ ଲାଗିଥିଲା। ସପ୍ତ ଦିବସ ହେଲା ଜଗନ୍ନାଥ ମନ୍ଦିରରେ ଅବସ୍ଥାନ କରି ହବିଷ୍ୟାଳି ମାଆମାନେ ବାଲୁକା ପୂଜା କରିଥିଲେ। ଏହି ଉପଲକ୍ଷେ ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ସପ୍ତ ଦିବସ ବ୍ୟାପ ଭାଗବତ ପ୍ରବଚନ, ଭଜନ ସନ୍ଧ୍ୟା, ନୃତ୍ୟ ଓ ପାଲା ପରିବେଷଣ ସହିତ ବିଭିନ୍ନ ସଂସ୍କୃତି କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଭାତରୁ ପରିଷଦର ସଭାପତି ଆଇନଜୀବୀ ପ୍ରତିମା କରଙ୍କ ଅଧକ୍ଷତାରେ ବୋଇତବନ୍ଦାଣ ଉତ୍ସବକୁ ଅକ୍ଷୟ କୁମାର ମଲ୍ଲିକ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ରଂଜୁଲତା ହୋତା ଅଧକ୍ଷ ଯାଜପୁର ପୌରପାଳିକା ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ଓ ପରମ୍ପରାକୁ ଉଦ୍‌ଜୀବିତ କରି ରଖିବାରେ ଗୀତାଜାରଣ ପରିଷଦର ପ୍ରୟାସ ପ୍ରଶଂସନୀୟ। ସମ୍ମାନନୀୟ ଅତିଥିଭାବେ ସନ୍ତୋଷ କୁମାର ମଲ୍ଲିକ ଉପନଗରପାଳ ଯାଜପୁର ଯୋଗଦେଇ ଦୀର୍ଘ ୨୫ ବର୍ଷଧରି ନୌବାଣିଜ୍ୟ ପରମ୍ପରାକୁ ଉଦ୍‌ଜୀବିତ କରି ରଖିବା ପାଇଁ ଯେଉଁ ପ୍ରଚେଷ୍ଟା ତାହାର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ପଣ୍ଡିତ ଭୂପତିଭୂଷଣ ମିଶ୍ର ଉତ୍କଳ କଳାସଂସ୍କୃତିର କ୍ଷେତ୍ର ଯାଜପୁର ଅତିତରେ ଉତ୍କଳର ରାଜଧାନୀ ଥିବା ହେତୁ ଏହି ଚେତନାକୁ ସମୃଦ୍ଧ କରି ରଖିବା ଲାଗି ପ୍ରଚେଷ୍ଟା ଜାରି ରହିଛି। ଏହି ଅବସରରେ ବିଶିଷ୍ଟ ସଂସ୍କୃତବିତ୍ ପଣ୍ଡିତ ବାସୁଦେବ ମିଶ୍ରଙ୍କୁ କାହ୍ନୁଚରଣ କର ସ୍ମୃତି ସମ୍ମାନରେ ସମ୍ମାନିତ କରିବା ସହ ମିନକେତନ ସାହୁଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ଚୁଡ଼ାମଣି ଜଗବନ୍ଧୁ ଓଝା ଓ ସାଥିମାନେ ପାଲା ପରିବେଷଣ କରିଥିଲେ। ଅଧାପକ କୈଳାସ ଚନ୍ଦ୍ର ବେହେରା, ପୃଥିବୀରାଜ ପଣ୍ଡା, ଶ୍ୟାମସୁନ୍ଦର ପାଣିଗ୍ରାହୀ, ସୁବାସ ଚନ୍ଦ୍ର ପାଣି, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ସଂସ୍କୃତି ସମ୍ପାଦକ ଆଇନଜୀବୀ ଗୁଣମଣି ପାଣିଗ୍ରାହୀ ପରିଚ୍ଛଳନା କରିଥିଲେ। ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଦେବାରେ ଅତିଥିମାନଙ୍କୁ ସହାୟତା କରିଥିଲେ। ଅନ୍ୱେଷଣର ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନ୍ୱେଷଣ ଥିଏଟର ଗ୍ରୁପର କଳାକାରମାନେ ଯଥା ଅଭିମନ୍ୟୁ ମିଶ୍ର, ଧନଞ୍ଜୟ ପୃଷ୍ଟି, ସୁରଜ କୁମାର ପଣ୍ଡା, ଗୌତମ ବିକାଶ ମହାନ୍ତି, ରତିକାନ୍ତ ସାହୁ, ସନ୍ତୋଷ କୁମାର ମିଶ୍ର, ଉପେନ୍ଦ୍ର କୁମାର ଜେନା, ଭରତ ବେହେରା, ସ୍ୱାତୀ ପଣ୍ଡା, ମୋନାଲିସା ଓଝା, ମାମାଲି ସାହୁ, ନିହାରିକା ସାମନ୍ତ, ପ୍ରିୟଙ୍କା ସାହୁ, ମମତା ଜେନା, ଦମୟନ୍ତୀ ରାଉତ, ତପସ୍ୱିନୀ ମଲ୍ଲିକ ଓ ଗୀତାଜ୍ଞାନର ସୁନୟନା ଦାସ, ଜ୍ୟୋତିସ୍ୱରୁପା ପଣ୍ଡା, ମିଥୁନ ବାସ୍କେଟ, ନୃତ୍ୟ ଶିଳ୍ପୀ ପ୍ରେରଣା ପଣ୍ଡା, ଶଙ୍କର ଚିତ୍ରାଳୟ, କଣ୍ଠଶିଳ୍ପୀ କୈଳାସ ଚନ୍ଦ୍ର ବେହେରା, ବିରଜା ଚିତ୍ରାଳୟର ଶ୍ରୀକାନ୍ତ ପତି, ଜୟଜଗନ୍ନାଥ ଭଜନ ସନ୍ଧ୍ୟାକୁ ଉଦ୍‌ଘାଟକ, ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ଗଦାଧର ରାଉତ, ଅନୁସୟା ମିଶ୍ର, ସୁବାସ ମହାପାତ୍ର, ଅଦ୍ୱୈତ ପ୍ରସାଦ ମିଶ୍ର, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, କୃଷ୍ଣ ଚନ୍ଦ୍ର ମିଶ୍ର, ହରି ପାଣିଗ୍ରାହୀ, ରବିନାରାୟଣ କର, ଅକ୍ଷୟ ମିଶ୍ର, ଜନାର୍ଦ୍ଦନ ମହାନ୍ତି, ମନୋଜ କୁମାର ନାଥ , ଶ୍ୟାମସୁନ୍ଦର ପାଣିଗ୍ରାହୀ, ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଚୋରା ବିଦେଶୀ ମଦ ଜବତ, ଜଣେ ଗିରଫ

ଧର୍ମଶାଳା (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ କନ୍ତପଡା ଛକରୁ ପୁଲିସ ବାଇକ ସହ ଚୋରା ବିଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନା ମୁତାବକ ରାମପୁର କଇଥା ଅଂଚଳର ସୁବାସ ପଲେଇ (୩୫) ଓଡି-୦୪ଏ-୪୦୨୯ ନଂ ବାଇକରେ ୪୦ ବୋତଲ ବିଦେଶୀ ମଦ ଓ ବିଅର ନେଇ ଯାଉଥିବା ବେଳେ କ'ପଡା ଛକରେ ପୁଲିସ ହାବୁଡରେ ପଡିଥିଲା । ପୁଲିସ ତା ବାଇକକୁ ଚେକିଂ କରିବା ପରେ ଏକ ବ୍ୟାଗରେ ମଦଥିବା ଜଣାପଡିଥିଲା । ଫଳରେ ପୁଲିସ ବାଇକ ସହ ମଦ ଜବତ କରିଥିଲା । ଏଥିସହ ସୁବାସକୁ ଗିରଫ କରିଥିଲା । ଏନେଇ ପୁଲିସ ୩୧୮/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ବାଲେଶ୍ୱରଠାରେ ଭାରତ ଯୋଡ଼ ପଦଯାତ୍ରାରେ କଂଗ୍ରେସ ପ୍ରଭାରୀ ଯୋଗଦେବେ

ଭୁବନେଶ୍ୱର (ପିଏନ୍)- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଗତ ୩୧ ତାରିଖ ଠାରୁ ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ ପଦଯାତ୍ରା ବାଲେଶ୍ୱର ଠାରେ ପଂହଚିଛି। ଏହି ପଦଯାତ୍ରାରେ ଯୋଗଦେବା ନିମନ୍ତେ ଓଡ଼ିଶା ପ୍ରଭାରୀ ଡ. ଏ. ଚେଲାକୁମାର ଭୁବନେଶ୍ୱରରେ ଆସି ପଂହଚିଛନ୍ତି। ଆସନ୍ତା କାଲି ଅର୍ଥାତ ୧୧ ତାରିଖ ଶୁକ୍ରବାର ଦିନ ଡ. ଚେଲାକୁମାର ବାଲେଶ୍ୱର ଯାତ୍ରାକରି ସେଠାରେ ଭାରତ ଯୋଡ଼ ପଦଯାତ୍ରାରେ ଯୋଗଦେବେ ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରେସବାର୍ତାରେ ପ୍ରକାଶ କରାଯାଇଛି। ଏହି ପଦଯାତ୍ରାରେ ବହୁ ସଂଖ୍ୟକ କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ଜନସାଧାରଣ ଯୋଗଦେବାକୁ ପିସିସି ତରଫରୁ ଅନୁରୋଧ କରାଯାଇଛି।

# ବୀରଗୋବିନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୁରଭି ଶିଶୁ ମହୋତ୍ସବ ପାଳିତ



ଘସିପୁରା (ପିଏନ୍): କ୍ଲଷ୍ଟର ସ୍ତରୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ସୁରଭି ମହୋତ୍ସବ ୨୦୨୨ ଘସିପୁରା ସରକାରୀ ପ୍ରାଥମିକ ବିଦ୍ୟାଳୟ ବୀରଗୋବିନ୍ଦପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଅନେକ ବିଷୟ ବସ୍ତୁ ଯଥା ବରିଷ୍ଠ ବର୍ଗ ଓ କନିଷ୍ଠ ବର୍ଗ ପାଇଁ ବକ୍ତୃତା, ସୃଜନଶୀଳ ଲିଖନ, କ୍ୟୁଇଜ୍, ବିତର୍କ, ପ୍ରବନ୍ଧ ଲିଖନ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟଗୀତ ଆସର ହୋଇଥିଲା। ଏଥିରେ ୧୫ଗୋଟି ବିଦ୍ୟାଳୟର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତୀମାନେ ଯୋଗଦାନ ଦେଇଥିଲେ। କ୍ଲଷ୍ଟର ସିଆରସିସି ଉଦ୍ଧବ ଚରଣ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଘସିପୁରା ସରକାରୀ ପ୍ରାଥମିକ ବିଦ୍ୟାଳୟ ବୀରଗୋବିନ୍ଦପୁର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଉଦ୍ଧବ ଚରଣ ସାହୁ, ବୀରଗୋବିନ୍ଦପୁର ୟୁ.ପି ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତିନୀ ନାୟକ, ଶିକ୍ଷକ ମନୋଜ କୁମାର ବେଜ, ଗୌରାଙ୍ଗ ଚରଣ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ସୟ କୁମାର ଦତ୍ତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ସୁନ୍ଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୌମ୍ୟ ସ୍ୱରୂପ ନାୟକଙ୍କ ପ୍ରଥମ ହିନ୍ଦୀ କାବ୍ୟ ସଂକଳନ ବାଇସ୍କୋପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ



ଖୋର୍ଦ୍ଧା (ପିଏନ୍): ତରୁଣ କବି ସୌମ୍ୟ ସ୍ୱରୂପ ନାୟକଙ୍କ ପ୍ରଥମ ହିନ୍ଦୀ କାବ୍ୟ ସଂକଳନ ବାଇସ୍କୋପ ପୁସ୍ତକର ଲୋକାର୍ପଣ ହୋଇଛି। ପକ୍ଷୀଘର ପ୍ରକାଶନି ତରଫରୁ ପ୍ରକାଶିତ ଏହି ବାଇସ୍କୋପର ଲୋକାର୍ପଣ ଉତ୍ସବ ଏକ ବର୍ଣ୍ଣାଢ୍ୟ ସାହିତ୍ୟ ପରିବେଶରେ ଆୟୋଜିତ ହୋଇଥିଲା। ଏଥିପାଇଁ ମଂଚରେ ସୌମ୍ୟ ସ୍ୱରୂପଙ୍କ ସହିତ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଅନୁବାଦକ ତଥା ବିଶିଷ୍ଟ କବି ଅମରେଶ ପଟ୍ଟନାୟକ ଓ ସଂଗ୍ରାମ ଜେନା ପକ୍ଷୀଘର ପ୍ରକାଶକ ବନୋଜ ତ୍ରିପାଠୀ ଓଡ଼ିଆ ସିନେ ସମୀକ୍ଷକ ସୂର୍ଯ୍ୟୋଦେୟ ଉପସ୍ଥିତ ଥିଲେ। ସୌମ୍ୟସ୍ୱରୂପ ନିଜ ଲେକକୀୟ ଅଭିଭାଷଣରେ କହିଥିଲେ ଯେ, ଏହି କାବ୍ୟ ସଂକଳନ ମାଧ୍ୟମରେ ତାଙ୍କ ଭିତରେ ଥିବା ବାଇସ୍କୋପରେ ସେ ନିଜ ଜୀବନର ଓ ସମାଜର ବିଭିନ୍ନ ଦିଗକୁ ଦେଖିବାକୁ ଚେଷ୍ଟା କରିଛନ୍ତି। ପକ୍ଷୀଘର ପ୍ରକାଶକ ବନୋଜ ତ୍ରିପାଠୀ ଏହି କବିତା ପ୍ରକାଶନର ଯାତ୍ରା ସହିତ ନିଜ ଅଭିବ୍ୟକ୍ତିରେ କହିଥିଲେ ଯେ, ଏତେ କମ୍ ବୟସରେ ଜାତୀୟସ୍ତର ପାଇଁ ସୌମ୍ୟ ସ୍ୱରୂପ ନାୟକଙ୍କ କୃତି ପ୍ରଶଂସନୀୟ। ସିନେ ସମୀକ୍ଷକ ସୂର୍ଯ୍ୟଦେୟ ବାଇସ୍କୋପର କେତୋଟି କବିତା ସମୀକ୍ଷା କରି କହିଥିଲେ ଯେ, କବିତାର ପ୍ରତ୍ୟେକଟି ଧାଡ଼ି ଭିତରେ କେବଳ ପ୍ରେମ ଆଉ ଆଦର୍ଶ ନାହିଁ। କିଛି ଅନ୍ତସ୍ୱର ବି ରହିଛି। ବିଶେଷ ଅତିଥି ଅମରେଶ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଆଜିକାଲି ଦୁନିଆରେ କବି ଓ ଲେଖକମାନଙ୍କ ପାଇଁ ଦାୟିତ୍ୱ ସୃଷ୍ଟି ହେଉଛି ଗୋଟେ ବଡ଼ ସଂଘର୍ଷ। ଏହି ସଂଘର୍ଷକୁ ଜାରି ରଖି ଜୀବନକୁ ଆଗେଇ ନେବା ପାଇଁ ସେ ସୌମ୍ୟ ସ୍ୱରୂପଙ୍କୁ ଆହ୍ୱାନ ଦେଇଥିଲେ। ଏହି ଲୋକର୍ପଣ ଉତ୍ସବରେ ସୌମ୍ୟ ସ୍ୱରୂପ ନାକକଙ୍କ ଦୁଇଟି ବିଶେଷ ହୀନ୍ଦି କବିତା କାଲା ଓ ତୁମ୍ ହି ଜନ୍ମମତ୍ ହୋ। ମୋହନ ମଝିଠିଆ ତାଙ୍କର ଗୁରୁ ଗମ୍ଭୀର ସ୍ୱରରେ ଆବୃତି କରି ଶୁଣାଇଥିଲେ। ଏମାନଙ୍କ ବ୍ୟତୀତ ଓଡ଼ିଶାର ବିଶିଷ୍ଟ କବି, ଲେଖକ, ସମାଲୋଚକ, ଅମୀୟ ମହାପାତ୍ର, ସୁରେଶ ନାୟକ, ପ୍ରଶସ୍ନ ସ୍ୱାଇଁ, ଦୀପ୍ତି ଦାଶ, ଅଜୟ ମହାପାତ୍ର, ମୋହିତ ଚକ୍ରବର୍ତୀ, ଜ୍ଞାନ ହୋତା, ଜ୍ଞାନୀ ଦେବାଶିଷ, ଶରତ ନାୟକ ପ୍ରମୁଖ କବିମାନେ ଉପସ୍ଥିତ ରହି ତାଙ୍କ ଅଭିଭାଷଣରେ ମୌମ୍ୟ ସ୍ୱରୂପ ନାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ସୌମ୍ୟ ସ୍ୱରୂପ ନାକୟଙ୍କ ବାପା ଓଡ଼ିଆ ସିନେମା ଜଗତର ଗୀତିକାର ତଥା ସଂଳାପ ଲୋଖକ ଡ଼. ନିର୍ମଳ ନାୟକ ନିମନ୍ତ୍ରିତ ଅତିଥିଙ୍କ ସହିତ ଉପସ୍ଥିତ ଥିବା ମିଡ଼ିଆ ବନ୍ଧୁମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ଓ ଏହି କାବ୍ୟ ସଂକଳନ କିଛି ପୁସ୍ତକାଳୟ ସହିତ ଅନ୍‌ଲାଇନ୍ ସପିଂ ସାଇଟ୍ ଆମାଜନରେ ଉପଲବ୍ଧ ବୋଲି ସୂଚନା ଦେଇଥିଲେ। ଏହାକୁ ପଢି ମତାମତ ଦେବା ପାଇଁ ଅନୁରୋଧ କରିଥିଲେ।

# ରାହାଡପୁର ଖାଦାନରେ ପ୍ରଶାସନର ମାପଚୁପ, ପାହାଡରେ ବୁଲିଲା ଡ୍ରୋନ କ୍ୟାମେରା



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର କଳାପଥର ଖାଦାନକୁ ପ୍ରଶାସନ ପକ୍ଷରୁ ମାପଚୁପ କରାଯିବା ସହ ଡ୍ରୋନ କ୍ୟାମେରା ସହୟତାରେ ଖାଦାନର ଫଟୋ ଉତୋଳନ କରାଯାଇଛି । ସୂଚନା ଅନୁଯାୟୀ ରାହାଡପୁର କଳାପଥର ଖାଦାନର ୨୫ ଏକର ପରିମିତ ଜାଗାରୁ କଳାପଥର ଉତୋଳନ ନିମନ୍ତେ ଇଜରାଦାର ପ୍ରହଲ୍ଲାଦ ଲେଙ୍କାଙ୍କୁ ୨୦୧୭ ମସିହାରୁ ୨୦୨୨ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ଲିଜ ଦିଆଯାଇଥିଲା । ଏହି ଖାଦାନରୁ ବାର୍ଷିକ ୪୭ହଜାର ଘନ ମିଟର କଳାପଥର ଉତୋଳନ ପାଇଁ ତହସିଲ ପକ୍ଷରୁ ସମ୍ପୃକ୍ତ ଇଜରାଦାରଙ୍କ ସହିତ ଚୁକ୍ତି କରାଯାଇଥିଲା । ତେବେ ସମ୍ପୃକ୍ତ ଇଜରାଦାର ଚୁକ୍ତି ଖିଲାପ କରି ଅଧିକ ମାତ୍ରାରେ କଳାପଥର ଖନନ କରିଥିବା ନେଇ ଅଭିଯୋଗ ହୋଇଥିଲା । ଖାଦାନର ଲିଜ ଅବଧି ୫ ବର୍ଷ ପୁରିଯିବା ଫଳରେ ଇଜରାଦାର ଗତକାଲିଠାରୁ ଉକ୍ତ ଲିଜ ସ୍ଥାନରୁ ହଟିଯାଇଛି । ଏହି ପାହାଡରୁ ଲିଜ ପରିଧି ଅଂଚଳରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାକୁ ମପଚୁପ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଇଁ ୱାର୍ଲ୍ଡ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ମାଇ ୱାର୍ଲ୍ଡ ସଂସ୍ଥାର ମୁଖ୍ୟ ପ୍ରଦୀପ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ମାପଚୁପ କରିବା ସହ ଡ୍ରୋନ କ୍ୟାମେରା ମାଧ୍ୟମରେ ଖାଦାନ ଅଂଚଳର ଚିତ୍ର ଉତୋଳନ କରିଥିଲେ । ଏହି ମାପଚୁପରେ ଯାଜପୁର ଏଡିଏମ ଅକ୍ଷୟ କୁମାର ମଲିକ, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଭୁତତ୍ୱବିତ ସନ୍ତୋଷୀ ସେଠୀ ଓ ପରିବେଶ ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ମାପଚୁପ ଦାୟିତ୍ୱରେ ଥିବା ମାଇଁ ୱାର୍ଲ୍ଡ ସଂସ୍ଥା ପକ୍ଷରୁ ରିପୋର୍ଟ ଆସିବା ପରେ ସେଠାରେ କେତେପରିମାଣର କଳାପଥର ଉତୋଳନ ହୋଇଛି ଜଣାପଡିବ ଏବଂ ଅଧିକ ପରିମାଣରେ କଳାପଥର ଉତୋଳନ ହୋଇଥିଲେ ସମ୍ପୃକ୍ତ ଇଜରାଦାରଙ୍କ ଉପରେ ଜୋରିମାନା କରାଯାଇ ଟଙ୍କା ଆଦୟ କରାଯିବ ବୋଲି ତହସିଲଦାର ଶ୍ରୀ ଦାସ ସୂଚନା ଦେଇଛନ୍ତି ।

# ବନ୍ଦର ଦିବସରେ ତିନି ଯନ୍ତ୍ରୀ ସମ୍ବର୍ଦ୍ଧିତ



ପାରାଦୀପ (ପିଏନ୍)-ପାରାଦୀପ ବନ୍ଦର ପକ୍ଷରୁ ଗତ ମଙ୍ଗଳବାର ଦିନ ଆୟୋଜିତ ହୋଇଥିଲା ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବରେ ତିନିଜଣ ଯନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍. ହରନାଦ ଇଂ. ଏସ୍.ପି. ମହାପାତ୍ର, ଇଂ. ବିକ୍ରମ ଚୌଧୁରୀ ଓ ଇଂ. ଭରତ ଜେନାଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରିଥିଲେ । ପାରାଦୀପ ବନ୍ଦର ପାଇଁ ସେମାନେ ନିଷ୍ଠାପର ଭାବେ କାର୍ଯ୍ୟ କରି ସମ୍ବର୍ଦ୍ଧିତ ହୋଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି ଏହି ତିନିଜଣ ଯନ୍ତ୍ରୀ।

# ସାମାଜିକ ଯୁବ ସଂଗଠନ ପକ୍ଷରୁ ରନ୍ଧାଖାଦ୍ୟ ବ୍ଣ୍ଟନ



ଭୁବନେଶ୍ୱର (ପିଏନ୍): ବିଗତ ତିନିଦିନ ଧରି ରାଜଧାନୀରେ କ୍ଷୁଧାର୍ତ୍ତଙ୍କୁ ରନ୍ଧାଖାଦ୍ୟ ବାଣ୍ଟିଛି ସାମାଜିକ ଯୁବ ସଂଗଠନ। ରାଜଧାନୀର ରାସ୍ତାକଡ଼ରେ ରାତିରେ ଶୋଇଥିବା ଭୋକିଲା ପଥିକ ମାନଙ୍କୁ ରନ୍ଧାଖାଦ୍ୟ ମାଷ୍ଟରକ୍ୟାଣ୍ଟିନ୍, ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ବାଣୀବିହାର ଭଳି ଜନବହୁଳ ସ୍ଥାନମାନଙ୍କରେ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ଡା. ଏ.କେ. ପାଢ଼ୀ, ସନ୍ତୋଷ କୁମାର ପାତ୍ର, ଜଗଦୀଶ ସ୍ୱାଇଁ, ଦୀପକ, ସୁକାନ୍ତ, ସୂରଜ୍, ରଞ୍ଜନ, ଶିବ, ଜଗା, ସିଲୁ ପ୍ରମୁଖ ଉପସ୍ଥିତ ରହି ଖାଦ୍ୟ ବ୍ଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଗଠନର ସଭାପତି ଚିତ୍ତରଞ୍ଜନ ଦାସ।

# କେନ୍ଦ୍ରାପଡା ଡିଷ୍ଟ୍ରିକ୍ଟ ବୋଇତବନ୍ଦାଣ ସମିତି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବୋଇତ ବନ୍ଦାଣ ସମିତି ଆନୁକୂଲ୍ୟରେ କଳପଡାସ୍ଥିତ ଲୁଣାନଦୀ ଘାଟରେ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ସଭାପତି ସୁନିଲ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅତିଥିମାନଙ୍କୁ କଳପଡା ଲକ ଠାରୁ ଲୁଣା ନଦୀଘାଟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। ନଦୀ କୂଳରେ ସମିତିର ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର ନାଥ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ମୁଖ୍ୟ ଅତିଥି, ଆରକ୍ଷୀ ଅଧୀକ୍ଷକ ସମ୍ବିତ୍ ସମ୍ପଦ ମଡକର,ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, କେନ୍ଦ୍ରାପଡା ପଞ୍ଚାୟତ ସମିତି ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ୮ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, କଳପଡା ସରପଞ୍ଚ ପ୍ରୀତିରେଖା ସ୍ୱାଇଁ, କଳପଡା ସମିତି ସଭ୍ୟ ଶିବ ପ୍ରସାଦ ସାହାଣୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବୋଇତ ବନ୍ଦାଣ ଉତ୍ସବ ସଂପର୍କରେ ମତବ୍ୟକ୍ତ କରିଥିଲେ । ପରେ ଅତିଥିମାନଙ୍କୁ ସାଧବ ବେଶରେ ସଜାଇ ନଦୀ ପରିକ୍ରମା କରାଇଥିଲେ । ଉତ୍ସବ ପରିଚଳନାରେ ଉପସଭାପତି ମନୋରଞ୍ଜନ ସାମଲ, ସହ ସମ୍ପାଦକ ଜୀବନଜ୍ୟୋତି ଜେନା, କଳ୍ପତରୁ ନାୟକ, ବସନ୍ତ ସାହୁ, ରଞ୍ଜିତ ସାହାଣୀ, ଶତ୍ରୁଘ୍ନ ସାହାଣୀ, ଗୌତମ ସ୍ୱାଇଁ, ସୁଶାନ୍ତ ସାମଲ, ଶୁଭେନ୍ଦୁ ସ୍ୱାଇଁ, ଅଭିଜିତ୍ ମହାନ୍ତି, ଗୋବିନ୍ଦ ସ୍ୱାଇଁ, ସୁଦାମ ବାରିକ, ସନ୍ତୋଷ ସ୍ୱାଇଁ, ଅନୀଲ ଦାସ, ଜୟ, ତପନ, ସିଦ୍ଧାର୍ଥ, ଆକାଶ, ସାହିଲ, ଭବାନୀ, ବିଶ୍ୱଜିତ, ବିଲୁ, ବାପି ଓ ଚିକୁନ ପ୍ରମୁଖ ସହଯୋଗ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday November 11, 2022 ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୧୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ବାବା ଆଖଣ୍ଡଳମଣୀ ବଜାର କମିଟି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ




ପାରାଦୀପ,(ପି.ଏନ): ପାରାଦୀପ ଷଣ୍ଡକୁଦସ୍ଥିତ ବାବା ଆଖଣ୍ଡଳମଣୀ ବଜାର କମିଟି ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ କାର୍ତ୍ତିକେଶ୍ୱର ପୂଜା ମହାସମାରୋହରେ ପାଳନ କରାଯାଉଛି । ଷଣ୍ଡକୁଦ ଅଟୋ ଷ୍ଟାଣ୍ଡ ନିକଟରେ ଚଳିତ ମାସ ୮ ତାରିଖରୁ ଏହି ପୂଜା ଉତ୍ସବ ଆରମ୍ଭ ହୋଇ ୧୪ ତାରିଖ ଦିନ ଶେଷ ହେବ । ବଜାର କମିଟିର ସଭାପତି ଦୀପକ ବେହେରା ଓ ସମ୍ପାଦକ ବିଧାନ କୁମାର ସାମନ୍ତଙ୍କ ନେତୃତ୍ୱ ଓ ଅନୁଷ୍ଠାନର କୋଷାଧ୍ୟକ୍ଷ ବାବାଜୀ ଚାଣ ସାହୁ, ହୃଷିକେଶ ଦାସ, ଦୀପ୍ତିରଂଜନ ସାହୁ, ସଂଗ୍ରାମ ଦାସ, ଭାସ୍କର ବେହେରା, ପ୍ରସନ୍ନ ସେନାପତ, ରତ୍ନାକର ବାରିକ, ଅଜୟ କୁମାର ସାହୁ, ଜୟଦେବ ସ୍ୱାଇଁ, ନିରନ ବେହେରା ପ୍ରମୁଖଙ୍କ ସହଯୋଗରେ ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ଦୈନିକ ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ତେବେ ଚଳିତ କାର୍ତ୍ତିକେଶ୍ୱର ପୂଜା ଉତ୍ସବ ସଫଳତାର ସହ ଶାନ୍ତି ଶୃଙ୍ଖଳାରେ ଚାଲିଥିବା ବଜାର କମିଟି ସଭାପତି ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

## କଳିଙ୍ଗ ବାଲିଯାତ୍ରା ମହୋତ୍ସବର ୪ର୍ଥ ସନ୍ଧ୍ୟା : ଅଭିଜିତ୍ ମଜୁମଦାରଙ୍କ ସଙ୍ଗୀତରେ ଝୁମିଲେ ପାରାଦୀପ ଦର୍ଶକ

ପାରାଦୀପ,(ପି.ଏନ): ପାରାଦୀପ ବେଳାଭୂମିରେ ଆଠ ଦିନ ବ୍ୟାପି ଆୟୋଜିତ କଳିଙ୍ଗ ବାଲିଯାତ୍ରା ମହୋତ୍ସବର ୪ର୍ଥ ସଂନ୍ଧ୍ୟାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ଆୟୋଜକ କଳିଙ୍ଗ ବାଲିଯାତ୍ରା ମହୋତ୍ସବ କମିଟି ପକ୍ଷରୁ ଉତ୍ସବକୁ ଅଧିକ ଲୋକପ୍ରିୟ କରିବା ପାଇଁ ସବୁ ପ୍ରକାରର ଉଦ୍ୟମ କରାଯାଉଛି । ସଂଧ୍ୟାରେ ସ୍ଥାନୀୟ କଳାକାରମାନଙ୍କର କଳାନୈପୁଣ୍ୟତା ପ୍ରଦର୍ଶନ ପାଇଁ ସୁଯୋଗ ଦିଆଯାଉଛି । ୪ର୍ଥ ସଂଧ୍ୟାର ସାଂସ୍କୃତିକ ସମାରୋହରେ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନ ପାଳନ



ଭୁବନେଶ୍ୱର,(ପି,ଏନ): ଆଜି ଜନ୍ମଦିନ ଉପଲକ୍ଷେ ପ୍ରତାପ ନନା ବାଲେଶ୍ୱର ରେଳ ଷ୍ଟେସନରେ ଭେଣ୍ଡିଂ ମେସିନ ଉଦଘାଟନ, ଅନ୍ଧ ମୂକ ବଧିର ବିଦ୍ୟାଳୟରେ ମିଷ୍ଟାନ୍ନ ବଣ୍ଟନ, ହୋଟେଲ ରୟାଲ କୁଇନଠାରେ ଶିକ୍ଷିତ ବେକାର ଯୁବକ ମାନଙ୍କୁ ଇ ରିକ୍ସା ପ୍ରଦାନ କରିବା ସହ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଉଦ୍ଘାଟନ କରିଥିଲେ । ସବୁଠୁ ଆକର୍ଷଣୀୟ ଥିଲା ନୀଳଗିରିର ଗୋପିନାଥପୁର ପଡିଆରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରକ୍ତଦାନ ଶିବିର ,ସ୍ୱାସ୍ଥ୍ୟ ଶିବିର , ଅଙ୍ଗଦାନ ପାଇଁ ପତ୍ର ଦାଖଲ, ବେଦ ପାଠ, ଗୋ ପୂଜନ, ମୁକ୍ତ ବିହଙ୍ଗ ଇତ୍ୟାଦି ।ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି - ଉମାକାନ୍ତ ମହାପାତ୍ର,ଜିଲ୍ଲା ସାଧାରଣ ସମ୍ପାଦକ - ପର୍ଶୁରାମ ପରିଡ଼ା,ପୂର୍ବତନ ବିଧାୟକ - ଜୀବନ ପ୍ରଦୀପ ଦାସ୍, ଜୋନାଲ ମିଡ଼ିଆ ସଂଜଯୋକ୍ - ସତ୍ୟଜିତ୍ ମିଶ୍ର, ରାଜ୍ୟ ମହିଳା ମୋର୍ଚ୍ଚାର ସୁଷମା ବିଶ୍ୱାଳ,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି - ଅରବିନ୍ଦ ବେହେରା,ଜିଲ୍ଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲ୍ଲା ମିଡ଼ିଆ ସହ ସଂଯୋଜକ ତଥା ଯୁବ ମୋର୍ଚ୍ଚା ସମ୍ପାଦକ ଅରୂପ ଜେନା , ଅନିଲ ମହାନ୍ତି , ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ- ଖଗେନ୍ଦ୍ର କୁମାର ନାୟକ, ସମ୍ପାଦକ ନାରାୟଣ ମହନ୍ତ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି,ନଗର ସଭାପତି - ଚିତ ରଞ୍ଜନ ପଣ୍ଡା,ଲକ୍ଷ୍ମୀକାନ୍ତ ବେହେରା,ପ୍ରତାପ ମହାନ୍ତି, ଜିଲ୍ଲା ସମ୍ପାଦିକା - ମହୁଆ ପ୍ରଧାନ,ସସ୍ମିତା ଚାନ୍ଦ,ମହିଳା ମୋର୍ଚ୍ଚା ସଭାନେତ୍ରୀ ମନୀଷା ବେହେରା , ଯୁବ ମୋର୍ଚ୍ଚା ଉପସଭାପତି ପିଣ୍ଟୁ ପଣ୍ଡା ଭାଗ୍ୟରଞ୍ଜନ ନାୟକ, ସଂଜୀବ ପ୍ରଧାନ,ରାକେଶ ମଲିକ, କମଳା ବିନ୍ଧାଣି, ମଣ୍ଟୁ ପେରିବାଲ, ଯୋଗେନ ରଣା, ସସ୍ମିତା ନାଥ, ତରୁଲତା ମହାନ୍ତି, ମଧୁଶ୍ରୀ ମିଶ୍ର, ଝରଣା ଦାସ, ସଂଯୁକ୍ତା ମହାପାତ୍ର, ସିପ୍ରା ମହାପାତ୍ର ଜିତେନ୍ଦ୍ର ଷଡଙ୍ଗୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ

## ବାଲେଶ୍ୱରବାସୀ ଆଶୀର୍ବାଦ କଲେ କଂଗ୍ରେସ ପୁଣି ବିକାଶ ଧାରାକୁ ପୁନର୍ଜୀବିତ କରିବ : ଶରତ ପଟ୍ଟନାୟକ

ବାଲେଶ୍ୱର,(ପି.ଏନ): ଭାରତ ଯୋଡ଼- ଓଡ଼ିଶା ପରିବର୍ତ୍ତନ ଯାତ୍ରା ବାଲେଶ୍ୱର ରେ ପଂହଚିବା ପରେ ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ। ସେ କହିଚନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାଲେଶ୍ୱରବାସୀ ପ୍ରତାରିତ ହୋଇଛନ୍ତି। ତାର ସଦ୍ୟତମ ଉଦାହରଣ ହେଉଛି ଗତ ବାଲେଶ୍ୱର ସଦର ଉପନିର୍ବାଚନ ସମୟରେ ସେ ଲୋକଙ୍କୁ ଭୋଟ ମାଗିବାକୁ ଯାଇ କହିଥିଲେ, ନ୍ତବାଲେଶ୍ୱର ବିକାଶର ଦାୟିତ୍ୱ ମୋରନ୍ତ। କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ବୋଲି ବିକାଲମୂଳକ କାର୍ଯ୍ୟ ସେ କରିଛନ୍ତି ବୋଲି ନଜିର ନାହିଁ। ବାଲେଶ୍ୱରର ବିକାଶର ବିନ୍ଧାଣୀ ଥିଲା କଂଗ୍ରେସ। କଂଗ୍ରେସ ସରକାର ସମୟରେ ବାଲେଶ୍ୱର ଜିଲ୍ଲା ବିକାଶର ଚିତ୍ରକୁ ଦେଖିଥିଲା। ଶିଳ୍ପ କ୍ଷେତ୍ରରେ ଜିଲ୍ଲା ବେଶ ଅଗ୍ରସର ହୋଇଥିଲା। କଂଗ୍ରେସ ସମୟରେ ଜିଲ୍ଲା ହୋଇଥିଲା ଶିଳ୍ପ ସମୃଦ୍ଧ। ବିର୍ଲା ଟାୟାର୍ସ, ଇସ୍ପାତ ଏଲ୍ଲୋୟେଜ, ଇମାମୀ, ବାଲିଆପାଳରେ ସୂତାକଳ, ରୂପସାରେ ଝୋଟକଳ ଇତ୍ୟାଦି କଂଗ୍ରେସ ସମୟରେ ପ୍ରତିଷ୍ଠା ହୋଇଥିଲା। ସେଥିରେ ହଜାର ହଜାର ଲୋକ କାମ କରୁଥିଲେ। ମାତ୍ର ବିଜେଡ଼ି ସରକାର ସମୟରେ ସେ ସବୁ ବନ୍ଦ ହୋଇଗଲା ଓ ସେଠାରେ କାମ କରୁଥିବା ହଜାର ହଜାର ଶ୍ରମିକ ଦାଣ୍ଡର ଭିକାରୀ ସାଜିଗଲେ। କୌଣସି ଗୋଟିଏ ବୋଲି ନୂଆ ଶିଳ୍ପ ଖାରଖାନା ପ୍ରତିଷ୍ଠା କରିପାରିଲେ ନାହିଁ। ବିଜେଡ଼ି-ବିଜେପିର ଡବଲ ଇଜିନ ସରକାର କେନ୍ଦ୍ରର ୟୁପିଏ ସରକାର ସମୟରେ ଏଠାରେ, ଏମ୍ସ, ସିପେଟ୍, ନେସି, ତାମୁଳିଆ, ଜଳେଶ୍ୱର ଓ ସୋରୋଠାରେ ଉଡ଼ନ୍ତା ପୋଲ ଇତ୍ୟାଦି ଅନେକ କଥା କରାଯାଇଛି। ମାତ୍ର ରାଜ୍ୟରେ ବିଜେଡ଼ି ଓ କେନ୍ଦ୍ରର ବିଜେପି ସରକାର ସମୟରେ କୌଣସି ଗୋଟିଏ ସେମିତି ଆଖିଦୃଶୀ କାର୍ଯ୍ୟ ହୋଇଛି କି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ସୁବର୍ଣ୍ଣରେଖ ନଦୀର ବନ୍ୟା ଉତର ଓଡ଼ିଶା ପାଇଁ ଦୁଃଖର କାରଣ ହୋଇଥାଏ। ଏଥିପାଇଁ ୨୦୦୯ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଘୋଷଣା କଲେ। ମାତ୍ର ଆଜି ପର୍ଯ୍ୟନ୍ତ ତାହା ଶୀତଳ ଭଣ୍ଡାରରେ ପଡ଼ିଛି। ବନ୍ୟାରେ ପୀଡିତ ହୋଇ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଜିଲ୍ଲା ଏକ ବିକଳ ଚିତ୍ର ନେଇ ଆଜି ଉଭା ହୋଇଛି। ବାଲେଶ୍ୱରରେ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ହୋଇଛି। ମାତ୍ର ସେଠାରେ ଅଭିଜ୍ଞ ଡାକ୍ତର ନାହାନ୍ତି କିମ୍ବା ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳୁନାହିଁ। ଜିଲ୍ଲାର ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛି। ୭୦ ରୁ ୮୦ ଶତାଂଶ ସ୍ଥାନରେ ଡାକ୍ତର ନାହାନ୍ତି। ଲୋକଙ୍କୁ ସ୍ୱାସ୍ଥ୍ୟ ସୋବ ମିଳୁନାହିଁ। ଶିକ୍ଷା ଅବସ୍ଥା ମଧ ଘୋର ଅବ୍ୟବସ୍ଥା ଭିତରେ ଗତି କରୁଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟ ସମେତ ଜିଲ୍ଲାର ପ୍ରାୟ ସମସ୍ତ କଲେଜରେ ଆବଶ୍ୟକ ଅଧାପକ ଓ ପ୍ରାଧ୍ୟାପକ ନାହାନ୍ତି। ସ୍କୁଲ ଗୁଡ଼ିକରେ ଶିକ୍ଷକ ମରୁଡ଼ି। ଗୁଣାତ୍ମକ ଶିକ୍ଷା ନାହିଁ। ୫ଟି ସ୍କୁଲ ନାମରେ ରୂପାନ୍ତିକରଣ ଆଳରେ କୋଟି କୋଟି ଟଙ୍କାର ଦୁର୍ନୀତି ଲୋକ ଲୋଚନକୁ ଆସିଛି। ଚାଷୀମାନେ ଜିଲ୍ଲାରେ ପ୍ରତାରିତ। ସେମାନେ ତାଙ୍କ ଉତ୍ପାଦିତ ଫସଲର ଉଚିତ ଦର ପାଉ ନାହାନ୍ତି। କାଳିଆ, ବଳିଆର କୁହୁକ ଜାଲରେ ବାସ୍ତବିକ ଜିଲ୍ଲାର ଚାଷୀ ହନ୍ତସନ୍ତ। କୃଷି ଶିଳ୍ପ ପ୍ରତିଷ୍ଠା ହେଲାନାହିଁ କିମ୍ବା ଗୋଟିଏ ବୋଲି ଶୀତଳ ଭଣ୍ଡାର ଜିଲ୍ଲାବାସୀ ଦେଖିଲେ ନାହିଁ। ଏବେ ଚକଡ଼ା ପୋକ ଚାଷୀମାନଙ୍କ ଧାନଖେତକୁ ଖାଇଟିବାକୁ ବସିଥିବା ବେଳେ ସରକାରଙ୍କ କୃଷି ବିଭାଗ ନିଦାବିଷ୍ଟୁ ସାଜିଛନ୍ତି। ବାଲେଶ୍ୱରରେ ବିକାଶର ଅନେକ ସମ୍ଭାବନା ରହିଛି। ଏଠାକାର ସମୁଦ୍ର ବେଳାଭୂମି, ରେଳପଥ, ମାନବ ଓ ପ୍ରାକୃତିକ ସମ୍ବଳ ବାଲେଶ୍ୱର ବିକାଶର ଅସୁମାରୀ ସମ୍ଭବନାକୁ ଇଙ୍ଗିତ କରେ। ମାତ୍ର ଅପାରଗ କେନ୍ଦ୍ର ଓ ରାଜ୍ୟ ସରକାର ତାକୁ ବାସ୍ତବ କ୍ଷେତ୍ରରେ ତାକୁ କ୍ରିୟାଶୀଳ କରିବାପାଇଁ ବିଫଳ ହୋଇଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଜିଲ୍ଲାରେ ଶାସକ ଦଳର ନେତାମାନେ ପଂଚାୟତ ଓ ବ୍ଲକମାନଙ୍କର ଦୁର୍ନୀତିରାଜ ଚଳାଇଛନ୍ତି। ସାଧାରଣ ଲୋକଙ୍କ ପାଖରେ ବିକାଶ ଅପହଂଚ। ସମସ୍ତ ଯୋଜନା କେବଳ ବାଟମାରଣା ହେଉଛି। ଦୁର୍ନୀତି ସବୁ ଆଡ଼େ କାୟା ବିସ୍ତାର କରିଛି। ଶାସକ ଦଳ ଓ ପଶାସନରେ ଏଥିରେ ପ୍ରତ୍ୟକ୍ଷ ସଂପୃକ୍ତି ରହିଛି। କେନ୍ଦ୍ରର ବିଜେପି ସରକାରଙ୍କ ଜନବିରୋଧି ଓ ପ୍ରତାରଣା ପୂର୍ଣ୍ଣ କାର୍ଯ୍ୟ ସବୁ ଏବେ ଲୋକେ ବୁଝିଲେଣି। ସେଥିପାଇଁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଲକ୍ଷ ଲକ୍ଷ ଲୋକେ ଭାରତ ଯୋଡ଼ ଯାତ୍ରା ସହିତ ଯୋଡ଼ି ହେଉଛନ୍ତି। ଓଡ଼ିଶାରେ ବିଜେଡ଼ି ସରକାର ଗତ ୨୩ ବର୍ଷ ଭିତରେ ଓଡ଼ିଶାବାସୀଙ୍କୁ ପ୍ରତାରିତ କରିଚାଲିଛନ୍ତି। ଓଡ଼ିଶା ଆଜି ଏହି ଅବସ୍ଥାର ପରିବର୍ତନ ଅପେକ୍ଷାରେ କଂଗ୍ରେସର ଏହି ପରିବର୍ତନର ବାହକ ହେବ। ଏଥିପାଇଁ ବାଲେଶ୍ୱରବାସୀଙ୍କ ଆଶୀର୍ବାଦ ସେ ଭିକ୍ଷା କରିଥିଲେ। ବାଲେଶ୍ୱର କୁ ପୁଣିଥରେ ଶିଳ୍ପ ସମୃଦ୍ଧି କରିବା, ପର୍ଯ୍ୟଟନ ଶିଳ୍ପ ଓ କୃଷିଶିଳ୍ପର ବିକାଶ କରିବା, ବନ୍ଦ କଳ କାରଖାନା ଗୁଡ଼ିକୁ ଖୋଲିବା, ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ କାର୍ଯ୍ୟକାରୀ କରିବା। ଶିକ୍ଷା ଓ ସ୍ୱାସ୍ଥ୍ୟ ଅବସ୍ଥାର ପରିବର୍ତନ ଆଣିବା ପାଇଁ କଂଗ୍ରେସ ସଂକଳ୍ପ କରିଛି। ଜିଲ୍ଲାବାସୀଙ୍କ ସହଯୋଗ ଏଥିପାଇଁ ସେ କାମନା କରିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ନେତା ଶ୍ରୀ ନବଜ୍ୟୋତି ପଟ୍ଟନାୟକ, କଂଗ୍ରେସ ଦଳର ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ, ଜିଲ୍ଲା ସଭାପତି ଶ୍ରୀ ସଂଜୀବ ଗିରି ପ୍ରମୁଖ ଉପସ୍ଥିତଥିଲେ। ପ୍ରକାଶ ଥାଉକି ୨୧୦ କିମି ଯାତ୍ରା ପରେ ଆଜି ବିଶ୍ରାମର ଦିନ। ଆସନ୍ତାକାଲି ବାଲେଶ୍ୱର ସହର ପରିକ୍ରମା କରି ସରିଲାପରେ ଏହି ପରିବର୍ତନ ଯାତ୍ରା କଳମା ନିକଟରେ ମୟୂରଭ ପ୍ରବେଶ କରିବ।

## ନେଦରଲ୍ୟାଣ୍ଡର ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ପାଳନ




ଆମଷ୍ଟରଡ଼ମ, (ପି.ଏନ): ନେଦରଲ୍ୟାଣ୍ଡରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆ ମାନେ ମହାସମାରୋହରେ ପଞ୍ଚମ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଏବଂ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥିବା ଜଣାଯାଇଛି । ଓଡ଼ିଆ ସୋସିଓ କଲଚରାଲ ଆସୋସିଏସନ୍ ନେଦରଲ୍ୟାଣ୍ଡ (ଓସକାନ) ଦ୍ୱାରା ବହୁ ଆଡ଼ମ୍ବରରେ ଆୟୋଜିତ ଏହି ମହୋତ୍ସବରେ ନେଦରଲ୍ୟାଣ୍ଡର ବିଭିନ୍ନ ଇଲାକାରେ ରହୁଥିବା ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ ସେମାନଙ୍କର ପରିବାର ଓ ବନ୍ଧୁ ପରିଜନଙ୍କ ସହିତ ସାମିଲ ହୋଇଥିବା ଦେଖାଯାଇଥିଲା। ଏହି ଉପଲକ୍ଷେ ଉତ୍ସବ ସ୍ଥଳ ନେଦରଲ୍ୟାଣ୍ଡର ଆଲମେରେ ନଗରର ଦେ ରୁଇମତେ ସଭାଗୃହକୁ ସମ୍ବଲପୁରୀ ବସ୍ତ୍ର ଓ ଓଢ଼ଣୀ, ରଙ୍ଗବେରଙ୍ଗର ପିପିଲି ଚାନ୍ଦୁଆ ଯୁକ୍ତ ଆଲୋକ ଏବଂ ବିଭିନ୍ନ କିସମର କାଗଜ ଡଙ୍ଗାରେ ବେଶ ସୁନ୍ଦର ଓ ଆକର୍ଷଣୀୟ ଢଙ୍ଗରେ ସଜାଯାଇଥିଲା। ସମଗ୍ର ପରିବେଶ ଉତ୍ସବ ମୁଖର ହୋଇ ଉଠିବା ସାଙ୍ଗକୁ ଏକ କ୍ଷୁଦ୍ର ଓଡ଼ିଶାର ଅନନ୍ୟ ଓ ନିଆରା ରୂପ ଧାରଣ କରିଥିବା ଭଳି ଲାଗୁଥିଲା। ବିନା କୋଭିଡ କଟକଣା ମଧ୍ୟରେ ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଉଥିବାରୁ ଉପସ୍ଥିତ ଦର୍ଶକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ ଏବଂ ଉଦ୍ଦୀପନା ଦେଖିବାକୁ ମିଳିଥିଲା। ୨୦୧୭ ମସିହାରେ ମାତ୍ର ୧୫ ଜଣ ଓଡ଼ିଆଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଉତ୍ସବ ଏବେ ସମଗ୍ର ୟୁରୋପରେ ହଇଚଇ ସୃଷ୍ଟି କରି ଏକ ବିଶାଳ କାର୍ଯ୍ୟକ୍ରମର ସ୍ୱରୂପ ଧାରଣ କରିଥିବା ଲକ୍ଷ୍ୟ କରାଯାଉଛି। ମୁଖ୍ୟ ଅତିଥି କ୍ୱାଲିଟି ଫର ଲାଇଫର ପ୍ରତିଷ୍ଠାତା ଲେଳିତା ବିନ୍ଦ୍ରାବନ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। କ୍ୱାଲିଟି ଫର୍ ଲାଇଫ ଏବେ ଓଡ଼ିଶାର ପୁରୀ ଜିଲ୍ଲାରେ ସାମାଜିକ ଉନ୍ନୟନ ପ୍ରକଳ୍ପ ମାନଙ୍କ ପାଇଁ କାର୍ଯ୍ୟରତ ରହିଛି। ଶ୍ରୀମତୀ ବିନ୍ଦ୍ରାବନ ତାଙ୍କର ସମ୍ବୋଧନରେ ନେଦରଲ୍ୟାଣ୍ଡ ଭଳି ବିଦେଶୀ ଭୂମିରେ ଓସକାନ, ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିବା ପାଇଁ ଅହରହ ପ୍ରୟାସ କରୁଥିବାରୁ ଏହାର ଭୂରିଭୂରି ପ୍ରଶଂସା କରିଥିଲେ। ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ତାଙ୍କର ଶୁଭେଚ୍ଛା ବାର୍ତ୍ତାରେ ବ୍ରାଣ୍ଡ ଓଡ଼ିଶାର ମହତ୍ତ୍ୱ ଓ ମହନୀୟତାକୁ ସମଗ୍ର ୟୁରୋପରେ ଲୋକପ୍ରିୟ କରିବା ପାଇଁ ଓସକାନ ଚେଷ୍ଟିତ ଥିବାରୁ ଏହାର ନେତୃବୃନ୍ଦଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ନେଦରଲ୍ୟାଣ୍ଡର କେନାଲ ଘାଟରେ ଆ, କା, ମା, ବୈ ଉଚ୍ଚାରଣ କରାଯିବା ସହିତ ଉପସ୍ଥିତ ମହିଳା ମାନଙ୍କ ଦ୍ୱାରା ବୋଇତ ବନ୍ଦାପନା କାର୍ଯ୍ୟ ସମ୍ପନ୍ନ କରଯାଇଥିଲା। ଏହା ପରେ ଭସାଣିର ଶୁଭାରମ୍ଭ ହୋଇଥିଲା। ସମଗ୍ର ଗଗନ, ପବନ ହରିବୋଲ, ହୁଳୁହୁଳି ଧ୍ୱନୀ ଏବଂ ଶଙ୍ଖନାଦରେ ପ୍ରକମ୍ପିତ ହେବା ସାଙ୍ଗକୁ ସୁଶୋଭିତ ବୋଇତ ଗୁଡ଼ିକର ଜଳଯାତ୍ରାର ଦୃଶ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା ।ଉତ୍ସବର ବିଶେଷ ଆକର୍ଷଣ ଭାବେ ଓସକାନର ସଦସ୍ୟ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦର୍ଶକ ମାନଙ୍କ ଦ୍ୱାରା ବହୁ ଆଦୃତ ବିବିଧ ମନୋଲୋଭା ପ୍ରସ୍ତୁତି ଗୁଡ଼ିକ ମଧ୍ୟରେ ହୃଦୟସ୍ପର୍ଶୀ ଜଗନ୍ନାଥ ଭଜନ ଓ ଓଡ଼ିଆ ଆଧୁନିକ ସଙ୍ଗୀତ ପରିବେଷଣ, ଭାଗବତ ଟୁଙ୍ଗୀ ନାଟିକାର ମଞ୍ଚସ୍ଥ, ବୋଇତ ନିର୍ମାଣ, ସର୍ବୋତ୍କୃଷ୍ଟ ପୋଷାକ ପିନ୍ଧା, ପିଲାମାନଙ୍କ ମଧ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଉପରେ ଚିତ୍ରାଙ୍କନ ପ୍ରତିଯୋଗୀତା ମାନ ଆୟୋଜନ ଏବଂ ସ୍ୱାଦିଷ୍ଟ ଓଡ଼ିଆ ବ୍ୟଞ୍ଜନ ଯଥା ଆଳୁଚପ, ସୁଜି କାକରା ପିଠା, ଝାଲ ମୁଢ଼ି, ଆଳୁ ପୋଟଳ ରସା ଓ ଛେନା ତରକାରୀ ଆଦି ପରସା ଯିବା ଅନ୍ତର୍ଭୁକ୍ତ ଥିଲା ।ସମଗ୍ର ଆୟୋଜନକୁ ବ୍ୟାପକ ଭାବେ ସଫଳ କରାଇବାରେ ଓସକାନର ଦକ୍ଷ ସଂଗଠକ କୋର ଟିମ୍ ଯଥା ସଭାପତି ଶାଶ୍ୱତ ପାଢ଼ୀ, ସୁଶୀଲ ଦାସ ମହାପାତ୍ର, ଅଂଶୁମାନ ମିଶ୍ର, ପରିତୋଷ ମହାପାତ୍ର, ନୀଳମାଧବ ମିଶ୍ର, ସୋମନାଥ ଲେଙ୍କା, ଲୋପାମୁଦ୍ରା ନାୟକ, ଦୀପକ ପରିଡ଼ା, ଦେବଦତ୍ତ ଦାସ, ଅରବିନ୍ଦ ଘଡାଇ, ଲିଓଶ୍ରୀ ମହାପାତ୍ର ଏବଂ ଶୁଭେନ୍ଦୁ ଆଚାର୍ଯ୍ୟ ପ୍ରମୁଖଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା ।କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ -୨୦୨୨ କୁ ଆୟୋଜନ କରିବାରେ ଓଡ଼ିଶାର ଆଓନେକଷ୍ଟ ଏବଂ ନେଦରଲ୍ୟାଣ୍ଡର ନୋବେଲ ହାଇପୋଥେକେନ୍, ଜନସେନସ୍ମିଥ ମ୍ୟାକେଲାରସ ଓ ଟେକସେଟିୟୁରସ ପ୍ରମୁଖ ସଂସ୍ଥା ଗୁଡିକ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray